ଆଜି - ମଙ୍ଗଳବାର
ତାରିଖ - ୦୪ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୧୯
ତିଥି - ଷଷ୍ଠୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ରେବତୀ, ମୀନ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୨୭:୦୦
ସୂର୍ଯ୍ୟାସ୍ତ - ୬:୧୮:୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ଯେସାକୁ ତେସା ବା ହିଂସାର ପ୍ରତିଶୋଧ ହିଂସାଚରଣରେ ନିଆଯିବା ଭଳି ନୀତି ଦିନେ ସାରା ବିଶ୍ୱକୁ ମାନବଶୂନ୍ୟ କରିଦେବ"

- ମହାତ୍ମା ଗାନ୍ଧୀ

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 112 R.N.I. REGD. No. 44026/86 ବାଲେଶ୍ୱର ୦୪ ଅଗଷ୍ଟ ୨୦୨୬ ମଙ୍ଗଳବାର BALASORE 04 AUGUST 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

## ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କଲେ ରାଷ୍ଟ୍ରପତି



କଟକ/ଭୁବନେଶ୍ୱର : ଆମ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ ଯୁବବର୍ଗ ସେମାନଙ୍କ ପ୍ରତିଭାର ସମ୍ପୂର୍ଣ୍ଣ ବିକାଶ କରିପାରିବେ ଏବଂ ସେମାନଙ୍କର ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରିପାରିବେ: ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସୋମବାର ଦିନ କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ଓଡ଼ିଶା ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ସେବାର ସମୃଦ୍ଧ ପରମ୍ପରା ଥିବା ଏକ ମାଟି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ପବିତ୍ର ମାଟି ଶହ ଶହ ବର୍ଷ ଧରି ସମାବେଶୀ ଭାବନା, କରୁଣା ଏବଂ ମାନବ କଲ୍ୟାଣର ବାର୍ତ୍ତା ପ୍ରଚାର କରିଆସିଛି । କଟକର ଏହି ଅଂଚଳ 'ଉତ୍କଳ ଗୌରବ' ମଧୁସୂଦନ ଦାସ, 'କର୍ମବୀର' ଗୌରୀଶଙ୍କର ରାୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିଜୁ ପଟ୍ଟନାୟକଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଭୂମି ମଧ୍ୟ । ଏହା 'ଉତ୍କଳମଣି' ପଣ୍ଡିତ ଗୋପବନ୍ଧୁ ଦାସ ଏବଂ 'ଉତ୍କଳ କେଶରୀ' ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମଭୂମି । ଜନସେବା, ସାହିତ୍ୟ ଓ ସଂସ୍କୃତିରେ କଟକର ଅବଦାନ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ । ଏପରି ଏକ ଗୌରବଶାଳୀ ଅଂଚଳରେ ପ୍ରତିଷ୍ଠିତ ହୋଇଥିବା ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଆଧୁନିକ ଶିକ୍ଷା ସହିତ ସଂଯୋଜିତ କରିବା ସହିତ ସମାଜ ଓ ରାଷ୍ଟ୍ର ସେବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ହେବ ବୋଲି ଆଶା କରାଯାଉଛି । ରାଷ୍ଟ୍ରପତି କହିଛନ୍ତି, ଭାରତରେ ଏକ ବୃହତ ଯୁବଶକ୍ତି ରହିଛନ୍ତି । ଏହା ଆମର ସର୍ବଶ୍ରେଷ୍ଠ ସମ୍ପତି । ଏହି ସମ୍ପତିର ସଠିକ୍ ବ୍ୟବହାର ପାଇଁ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ ଯୁବପିଢ଼ି ସେମାନଙ୍କର ପ୍ରତିଭାକୁ ସମ୍ପୂର୍ଣ୍ଣ ଭାବରେ ବିକଶିତ କରିପାରିବେ ଏବଂ ସେମାନଙ୍କର ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରିପାରିବେ । ସେମାନଙ୍କୁ ମୂଲ୍ୟବୋଧ ଭିତିକ ଶିକ୍ଷା ପ୍ରଦାନ କରିବାକୁ ପଡିବ । ବିଶ୍ୱବିଦ୍ୟାଳୟଗୁଡ଼ିକର ଦାୟିତ୍ୱ ହେଉଛି ଯେ ସେମାନେ ସଚ୍ଚୋଟତା, ଶୃଙ୍ଖଳା, ସମ୍ବେଦନଶୀଳତା ଏବଂ ଜାତୀୟ ସ୍ୱାର୍ଥ ଭାବନାରେ ପରିପୂର୍ଣ୍ଣ ନାଗରିକମାନଙ୍କୁ ପ୍ରସ୍ତୁତ କରନ୍ତୁ । ଯୁବପିଢ଼ିଙ୍କ ଜ୍ଞାନ ସେତିକିବେଳେ ଅର୍ଥପୂର୍ଣ୍ଣ ହୋଇଥାଏ, ଯେତେବେଳେ ଏହା ମାନବତା, ସମାଜର କଲ୍ୟାଣ ଏବଂ ରାଷ୍ଟ୍ର ପ୍ରଗତିରେ ଉତ୍ସର୍ଗୀକୃତ ହୋଇଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଆମେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ପାଇଁ ଲକ୍ଷ୍ୟ ରଖିଛୁ । ଏହି ଲକ୍ଷ୍ୟ ହାସଲ କରିବାରେ ଆମର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜ୍ଞାନ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ ଯେଉଁଠାରେ ବିକଶିତ ଚିନ୍ତାଧାରା ଓ ପ୍ରଯୁକ୍ତିବିଦ୍ୟା ସମାଜର ଆବଶ୍ୟକତାକୁ ପୂରଣ କରେ । ସେ ଗୁରୁତ୍ୱାରୋପ କରି କହିଛନ୍ତି, ଆଧୁନିକ ଜ୍ଞାନକୁ ଗ୍ରହଣ କରିବା ସହିତ ସେମାନଙ୍କୁ ନୈତିକ ମୂଲ୍ୟବୋଧକୁ ମଧ୍ୟ ବଜାୟ ରଖିବାକୁ ପଡିବ । ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗବେଷଣା, ନୂତନ ଉଦ୍ଭାବନ ଏବଂ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ସହିତ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେବ ବୋଲି ଜାଣି ସେ ଖୁସି ହୋଇଥିଲେ ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ ସମାପନ: ଭାରତର ୧୩ଟି ସ୍ୱର୍ଣ୍ଣ, ୧୭ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ହାସଲ

## ଭାରତୀୟ ଦଳର ପ୍ରଦର୍ଶନକୁ ନେଇ ଗର୍ବିତ: ପ୍ରଧାନମନ୍ତ୍ରୀ





ଗ୍ଲାସଗୋ : ସ୍କଟଲ୍ୟାଣ୍ଡର ଗ୍ଲାସଗୋରେ ୧୧ ଦିନିଆ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ ଭାରତୀୟ ସମୟ ସୋମବାର ସକାଳେ ଏକ ରଙ୍ଗାରଙ୍ଗ ସମାରୋହ ସହିତ ସମାପ୍ତ ହୋଇଛି । ଏହା ସହିତ ଭାରତ ଆନୁଷ୍ଠାନିକ ଭାବେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜନ ଦାୟିତ୍ୱ ଗ୍ରହଣ କରିଛି । ସମାପନ ସମାରୋହରେ, ରାଜ୍ୟଗୋଷ୍ଠୀ ପତାକା ଭାରତକୁ ହସ୍ତାନ୍ତର କରାଯାଇଥିଲା ଏବଂ ଅହମ୍ମଦାବାଦ ୨୦୩୦ର କାଉଂଟଡାଉନ ଆରମ୍ଭ ହୋଇଛି । ଗ୍ଲାସଗୋର ହାଇଡ୍ରୋ ଏରେନାରେ ଆୟୋଜିତ ସମାରୋହରେ ସ୍କଟଲ୍ୟାଣ୍ଡରୁ ଭାରତକୁ ଆୟୋଜକ ଅଧିକାରର ଆନୁଷ୍ଠାନିକ ହସ୍ତାନ୍ତର କରାଯାଇଥିଲା ।

ଆଜି ସକାଳେ ଏକ ଏକ୍ସ-ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତୀୟ ଦଳର ପ୍ରଦର୍ଶନକୁ ନେଇ ଗର୍ବ ଓ ଖୁସି ବ୍ୟକ୍ତ କରିବା ସହ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ଖେଳରେ ଭାରତ ୧୩ଟି ସ୍ୱର୍ଣ୍ଣ, ୧୭ଟି ରୌପ୍ୟ ଏବଂ ୯ଟି ବ୍ରୋଞ୍ଜ ପଦକ ସହ ମୋଟ ୩୯ଟି ପଦକ ଜିତିଛି । ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ କାନାଡା ପରେ ଭାରତ ଚତୁର୍ଥ ସ୍ଥାନରେ ରହିଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଲେଖିଛନ୍ତି, 'ଭାରତ ୧୩ଟି ସ୍ୱର୍ଣ୍ଣ ସମେତ ୩୯ଟି ପଦକ ଜିତିଥିବାରୁ ଆନନ୍ଦିତ । ପଦକ ବିଜେତାମାନଙ୍କୁ ଅଭିନନ୍ଦନ । ସମଗ୍ର କ୍ରୀଡ଼ାରେ, ଆମର ପ୍ରତିଭାବାନ କ୍ରୀଡ଼ାବିତ୍ମାନେ ମହାନ କୌଶଳ, ଦୃଢ଼ ସଂକଳ୍ପ ଏବଂ ସମର୍ପଣ ପ୍ରଦର୍ଶନ କରିଛନ୍ତି । ତାଙ୍କର କଠିନ ପରିଶ୍ରମ ଆମ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ । ଭବିଷ୍ୟତର ପ୍ରୟାସ ପାଇଁ ସମଗ୍ର ଭାରତୀୟ ଦଳକୁ ମୋର ଶୁଭେଚ୍ଛା । ସେମାନେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖନ୍ତୁ ଏବଂ ଦେଶକୁ ଗର୍ବିତ କରନ୍ତୁ ' । ଉଲ୍ଲେଖନୀୟ କଥା ହେଉଛି, ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତୀୟ ସମୟ ଅନୁସାରେ ବିଳମ୍ବିତ ରାତିରେ ସ୍କଟଲ୍ୟାଣ୍ଡରେ ସମାପ୍ତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି ଅବସରରେ ଋଷଭ ରିଖିରାମ, ଶଙ୍କର ମହାଦେବନଙ୍କ ଭଳି କଳାକାରଙ୍କ ପ୍ରଦର୍ଶନ ଦର୍ଶକଙ୍କ ହୃଦୟ ଜିତିଥିଲା । ଆୟୋଜକ ସ୍କଟଲ୍ୟାଣ୍ଡ ଏବଂ ଭାରତ ପଦକ ତାଲିକାରେ ମିଳିତ ଭାବେ ଚତୁର୍ଥ ସ୍ଥାନରେ ରହିଥିଲେ । ୭୦ଟି ସ୍ୱର୍ଣ୍ଣ ପଦକ ସମେତ ମୋଟ ୧୭୧ଟି ପଦକ ସହ ଅଷ୍ଟ୍ରେଲିଆ ପଦକ ତାଲିକାର ଶୀର୍ଷରେ ରହିଥିଲା । ଭାରତର ଦୁଇଥର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରା ଏବଂ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ (ଆଇଓଏ) ର ସଭାପତି ପିଟି ଉଷାଙ୍କ ଉପସ୍ଥିତିରେ ରାଜ୍ୟଗୋଷ୍ଠୀ ପତାକା ଭାରତକୁ ହସ୍ତାନ୍ତର କରାଯାଇଥିଲା । ପତାକା ହସ୍ତାନ୍ତର ପରେ ଭାରତ ସମଗ୍ର ବିଶ୍ୱ ସମ୍ମୁଖରେ ଅହମ୍ମଦାବାଦ ୨୦୩୦ର ଝଲକ ଉପସ୍ଥାପନ କରିଥିଲା । ପ୍ରସିଦ୍ଧ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ଶଙ୍କର ମହାଦେବନ ଏବଂ ପୂର୍ବତନ ମିସ୍ ୱାର୍ଲ୍ଡ ମାନୁଷୀ ଚିଲ୍ଲର ଭାରତୀୟ ସଂସ୍କୃତି ଉପରେ ଆଧାରିତ ଏକ ଚିତାକର୍ଷକ ପ୍ରଦର୍ଶନର ନେତୃତ୍ୱ ନେଇଥିଲେ ।

## ବନ୍ୟା ପ୍ରଭାବିତଙ୍କ ପାଇଁ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ରାସ୍ତା, ସେତୁ ଓ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଭିତିଭୂମିର ମରାମତି ପାଇଁ ଚୁଡାନ୍ତ ଆକଳନ ପରେ ସହାୟତା ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତି ଅନୁଯାୟୀ ବନ୍ୟା ପ୍ରଭାବିତ ଅଂଚଳର ସମସ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଙ୍କୁ ଗ୍ରାଚୁଇଟସ୍ ରିଲିଫ୍ ଯୋଗାଇ ଦିଆଯିବ ଏବଂ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଏହି ସହାୟତା ଜାରି ରହିବ । ଏହି ନିଷ୍ପତି ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪,୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮,୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩,୦୦୦ ଟଙ୍କା ଦିଆଯିବ । କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଂଚଳ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମିରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ । ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ ଜଣ ମୃତକଙ୍କ ନିକଟମ ପରିବାରକୁ ବିପର୍ଯ୍ୟୟ ସହାୟତା ପାଣ୍ଠି ନିୟମାନୁଯାୟୀ ୨୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ । ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ । ଦୁଧିଆଳୀ ପଶୁ ଯଥା ମଇଁଷି, ଗାଈ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪,୦୦୦ ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡ଼ା ପିଛା ୩୨,୦୦୦ ଟଙ୍କା, ବାଛୁରୀ, ଗଧ ଏବଂ ଖଚର ପିଛା ୨୦,୦୦୦ ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ।

## ବନ୍ୟା କ୍ଷୟକ୍ଷତି ଆକଳନ ଆରମ୍ଭ : ସମ୍ପୂର୍ଣ୍ଣ ଘର ଭାଙ୍ଗିଥିଲେ ମିଳିବ ୧ ଲକ୍ଷ ୨୦ ହଜାର ଟଙ୍କା : ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର : ସୋମବାରଠାରୁ ବନ୍ୟା କ୍ଷୟକ୍ଷତି ଆକଳନ ଆରମ୍ଭ । ରାଜସ୍ୱ ଏବଂ କୃଷି ବିଭାଗର ଅଧିକାରୀ ମାନେ ବନ୍ୟାରେ ହୋଇଥିବା କ୍ଷୟକ୍ଷତି ଆକଳନ କରୁଛନ୍ତି । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ । ପ୍ରାଥମିକ ଭାବରେ ୪୨ କୋଟି ୮୦ଲକ୍ଷ କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଉଛି । କ୍ଷତିଗ୍ରସ୍ତଙ୍କୁ ସହାୟତା ପାଇଁ ଜିଲ୍ଲାପାଳ ମାନଙ୍କୁ ୩୬କୋଟି ୯୮ ଲକ୍ଷ ଟଙ୍କା ପଠାଯାଇଛି । ଆଜି ଆଉ ୧୧୦କୋଟି ଟଙ୍କା ରାଜ୍ୟ ସରକାର ପଠାଇବେ । କ୍ଷୟକ୍ଷତି ଆକଳନ ସହ କ୍ଷତିପୂରଣ କାମ ଏକା ସହ ଚାଲିବ । ସମ୍ପୂର୍ଣ୍ଣ ଘର ଭାଙ୍ଗିଥିଲେ ମିଳିବ୧ ଲକ୍ଷ ୨୦ ହଜାର ଟଙ୍କା । ପକ୍କା ଘର ଆଂଶିକ ଭାଙ୍ଗିଥିଲେ ୬ ହଜାର ୫୦୦ ଟଙ୍କା । କଚ୍ଚା ଘର ଆଂଶିକ ଭାଙ୍ଗିଥିଲେ ୪ ହଜାର ଟଙ୍କା, କୁଡ଼ିଆ ଭାଙ୍ଗିଥିଲେ ୮ହଜାର ଟଙ୍କା ମିଳିବ । ଚାଷ କ୍ଷତି ପାଇଁ ଖାଲୁଆ ଜମି ହେକ୍ଟର ପିଛା ୮ହଜାର ୫ଶହ ଟଙ୍କା ମିଳିବ ।

## ବିକେପିପିଇଆର ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର) ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟ (ପିପିଆର) କୁ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟି (ଏସ୍ଏଲପିଏମସି) ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାହ୍ୟ ସହାୟତାପ୍ରାପ୍ତ ପ୍ରକଳ୍ପ (ଇଏପି) ଅଧୀନରେ ଏହି ପ୍ରକଳ୍ପକୁ ଆଗକୁ ନେବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ସିଟି ଇକୋନୋମିକ୍ ରିଜିଅନ୍ (ସିଇଆର) ଯୋଜନାର ପ୍ରଥମ ପର୍ଯ୍ୟାୟରେ ଦେଶର ଚାରିଟି ପାଇଲଟ୍ ଅର୍ଥନୈତିକ ଅଂଚଳ ମଧ୍ୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍ (ବିକେପିପିଇଆ)କୁ ସାମିଲ କରାଯାଇଛି । ଏହି ଅଂଚଳ ପାଇଁ ୫,୦୦୦ କୋଟି ଟଙ୍କାର ପ୍ରାରମ୍ଭିକ ପ୍ରକଳ୍ପ ସହାୟତା ପ୍ରସ୍ତାବିତ ହୋଇଛି । ଏଥିରୁ ୭୦ ପ୍ରତିଶତ (୩,୫୦୦ କୋଟି ଟଙ୍କା) ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଋଣ ମାଧ୍ୟମରେ ଏବଂ ୩୦ ପ୍ରତିଶତ (୧,୫୦୦ କୋଟି ଟଙ୍କା) କେନ୍ଦ୍ର ସରକାରଙ୍କ ସିଇଆର ଯୋଜନା ଅଧୀନରେ ଉପଲବ୍ଧ ହେବ । ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହେଉଛି ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ଏକ ସମନ୍ୱିତ ଅର୍ଥନୈତିକ ଅଂଚଳ ଭାବେ ବିକଶିତ କରି ବିନିଯୋଗ, ଶିଳ୍ପ, ପର୍ଯ୍ୟଟନ, ଲଜିଷ୍ଟିକ୍ସ, ବନ୍ଦରଭିତିକ ଶିଳ୍ପ, ଜ୍ଞାନଭିତିକ ଅର୍ଥନୀତି ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ।



# ୮୦ତମ ସ୍ୱାଧୀନତା ଦିବସ ପାଳନ ପାଇଁ ବାଲେଶ୍ୱରରେ ଅନୁଷ୍ଠିତ ହେଲା ପ୍ରସ୍ତୁତି ବୈଠକ




ବାଲେଶ୍ୱର(ନି.ପ୍ର.) ଆସନ୍ତା ଅଗଷ୍ଟ ୧୫ ତାରିଖରେ ଜିଲ୍ଲା ସ୍ତରରେ ପାଳନ ହେବାକୁ ଥିବା ୮୦ତମ ସ୍ୱାଧୀନତା ଦିବସକୁ ସୁଚାରୁ, ସୁରକ୍ଷିତ, ଶୃଙ୍ଖଳିତ ଓ ଗରିମାମୟ ଭାବେ ଆୟୋଜନ କରିବା ଲକ୍ଷ୍ୟରେ ସୋମବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସର ଐତିହାସିକ ମହତ୍ୱ ଉପରେ ଆଲୋକପାତ କରିଥିଲେ । ସମସ୍ତ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ରଖି କାର୍ଯ୍ୟ ସମ୍ପାଦନ କରିବାକୁ ସେ ଆହ୍ୱାନ ଜଣାଇଥିଲେ ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପଜିଲ୍ଲାପାଳ ଶିବ ମାଲବ୍ୟ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ ଉତ୍ସବ ସମ୍ପର୍କିତ ବିସ୍ତୃତ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ ।ବୈଠକରେ ପତାକା ଉତୋଳନ, ପୋଲିସ ପ୍ୟାରେଡ୍, ସମ୍ମାନ ରକ୍ଷୀଙ୍କ ଅଭିବାଦନ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ଓ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମର ସଫଳ ଆୟୋଜନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଚଳିତ ବର୍ଷ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ପରିବର୍ତେ ଏକ ଫୁଟବଲ ମ୍ୟାଚ୍ ଆୟୋଜନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଛି । ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ ୪ଟାରେ ରାମଧୂନ ପରିବେଷଣ କରାଯିବା ସହ ସକାଳ ୯ଟା ୧୫ ମିନିଟରେ ପୋଲିସ ପ୍ୟାରେଡ୍ ପଡ଼ିଆରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯିବ । ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ, ସାମାଜିକ କର୍ମୀ, ଜନପ୍ରତିନିଧି ଏବଂ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ନିଜ ମତାମତ ରଖିଥିଲେ । ଶେଷରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଜଳ ନିଷ୍କାସନ ପାଇଁ ଯାନବାହାନ ଚଳାଚଳ ଠପ୍: ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ବାଲେଶ୍ୱର(ନି.ପ୍ର.): ନ୍ୟୁ ବାଲେଶ୍ୱର କଲୋନୀ, ପୋଷ୍ଟାଲ୍ କଲୋନୀ, ଦ୍ୱାରିକା ନଗର ଏବଂ ଏକତା ନଗର କଲୋନୀ ଅଂଚଳରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଜଳ ନିଷ୍କାସନ ଓ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଅଂଚଳବାସୀଙ୍କ ପକ୍ଷରୁ ଆସନ୍ତା ୩ ଅଗଷ୍ଟ ୨୦୨୬, ସୋମବାର, ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ



ଜନଆନ୍ଦୋଳନ ଆୟୋଜନ କରାଯାଉଛି ।ବର୍ଷା ହେଲେ ଅଂଚଳର ରାସ୍ତାଘାଟରେ ପାଣି ଜମି ରହିବା ସହିତ ଅନେକ ଘର ଓ ଦୋକାନରେ ପାଣି ପ୍ରବେଶ କରୁଛି । ଫଳରେ ସାଧାରଣ ଜନଜୀବନ, ବ୍ୟବସାୟ ଓ ଯାତାୟାତ ବ୍ୟବସ୍ଥା ବହୁଳ ଭାବରେ ପ୍ରଭାବିତ ହେଉଛି ଓ ଦୀର୍ଘ ଦିନ ଧରି ସମସ୍ୟା ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରିନାହିଁ ।ଏହି ପରିପ୍ରେକ୍ଷୀରେ ଅଂଚଳବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ନିମ୍ନଲିଖିତ ଦାବି ରଖାଯାଇଛି-କୁରୁଡା, ତାମୁଲିଆ ଠାରୁ ଏହି ଅଂଚଳକୁ ପ୍ରବାହିତ ଜଳର ଗତି ପରିବର୍ତନ କରାଯାଉ ।-ଅଂଚଳରେ ସ୍ଥାୟୀ ଓ ବୈଜ୍ଞାନିକ ଡ୍ରେନେଜ୍ ବ୍ୟବସ୍ଥା କରାଯାଉ ।- ବର୍ଷାଜଳ ନିଷ୍କାସନ ପାଇଁ ଆବଶ୍ୟକ ସ୍ଥାନରେ ନୂତନ ଡ୍ରେନ୍ ନିର୍ମାଣ କରାଯାଉ ।- ବର୍ତମାନ ଥିବା ଡ୍ରେନ୍‌ଗୁଡ଼ିକର ତୁରନ୍ତ ସଫେଇ ଓ ମରାମତି କରାଯାଉ ,- ଜଳ ନିଷ୍କାସନ ପଥରେ ଥିବା ଅବରୋଧଗୁଡ଼ିକୁ ନିୟମାନୁସାରେ ହଟାଯାଉ ।-ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କାର୍ଯ୍ୟଯୋଜନା ଓ ସମୟସୀମା



ଘୋଷଣା କରାଯାଉ ।- ଅଂଚଳର ସ୍ଥିତି ଅନୁଧ୍ୟାନ ପାଇଁ ସମ୍ପୃକ୍ତ ଅଧିକାରୀମାନେ ତୁରନ୍ତ ସ୍ଥଳ ପରିଦର୍ଶନ କରନ୍ତୁ ,ଏହି ଆନ୍ଦୋଳନ କୌଣସି ରାଜନୈତିକ ଆନ୍ଦୋଳନ ନୁହେଁ ଓ ଏହା ସମ୍ପୂର୍ଣ ଭାବେ ଜନସ୍ୱାର୍ଥଭିତ୍ତିକ ଏବଂ ଅଂଚଳର ଦୀର୍ଘଦିନର ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ଶାନ୍ତିପୂର୍ଣ ପ୍ରୟାସ ।ନ୍ୟୁ ବାଲେଶ୍ୱର କଲୋନୀ, ପୋଷ୍ଟାଲ୍ କଲୋନୀ, ଦ୍ୱାରିକା ନଗର ଓ ଏକତା ନଗରର ସମସ୍ତ ବାସିନ୍ଦା, ବ୍ୟବସାୟୀ, ଯୁବବର୍ଗ, ମହିଳା ଓ ବୟୋଜ୍ୟେଷ୍ଠ ନାଗରିକମାନଙ୍କୁ ଶାନ୍ତି, ଶୃଙ୍ଖଳା ଓ ଆଇନଶୃଙ୍ଖଳା ବଜାୟ ରଖି ଏହି ଜନଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି ।

# ଫକୀର ମୋହନ ସ୍ୱଂୟ ଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଡ. ରାଧାରଞ୍ଜନ ପଟ୍ଟନାୟକ ସାଧାରଣ ସମ୍ପାଦକ ଓ ଚିତ୍ରାରାଣୀ ପାତ୍ର ଉପସଭାପତି ମନୋନୀତ



ବାଲେଶ୍ୱର(ନି.ପ୍ର.)ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତା ମନୋନୀତ ହୋଇଛନ୍ତି । ବିଶିଷ୍ଟ ପ୍ରାବନ୍ଧିକ, ସମାଲୋଚକ ତଥା କବି ଡ. ରାଧାରଞ୍ଜନ ପଟ୍ଟନାୟକ ସାଧାରଣ ସମ୍ପାଦକ ଏବଂ ବିଶିଷ୍ଟ କବି ଶ୍ରୀମତୀ ଚିତ୍ରାରାଣୀ ପାତ୍ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ?ପୂର୍ବତନ ସମ୍ପାଦକ ଓ ଉପସଭାପତି ଯଥାକ୍ରମେ ଶ୍ରୀ ବିଷ୍ଣୁ ମହାନ୍ତି ଓ ଶ୍ରୀ ରାମ ଚନ୍ଦ୍ର ପ୍ରଧାନ ନିଜ ପଦବୀରୁ ଇସ୍ତଫା ଦେଇଥିବାରୁ ଏହି ଦୁଇଟି ସ୍ଥାନ ଖାଲି ପଡ଼ିଥିଲା । ଏହି ପରିପ୍ରେକ୍ଷୀରେ ଜୁନ ୧୯ ତାରିଖ ସଂସଦର ସଭାପତି ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଉଭୟଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ କରାଯାଇଛି ।ଗତ ଅଗଷ୍ଟ ୨ ତାରିଖ (ରବିବାର) ଦିନ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ନବ ମନୋନୀତ ସାଧାରଣ ସମ୍ପାଦକ ଡ. ରାଧାରଞ୍ଜନ ପଟ୍ଟନାୟକ ଏବଂ ଉପସଭାପତି ଶ୍ରୀମତୀ ଚିତ୍ରାରାଣୀ ପାତ୍ରଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯିବା ସହ ମନୋନୟନ ପତ୍ର ପ୍ରଦାନ କରାଯାଇଥିଲା । ଏହି ସଭାରେ ସାଂସ୍କୃତିକ ସମ୍ପାଦକ ତଥା ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ, ଉପସଭାପତି ଶ୍ରୀ ଅନୀଲ ପଟ୍ଟନାୟକ, ଅନସୂୟା ନାୟକ, ଦେବାଶିଷ ପାଣି,ଗୋରଙ୍ଗ ପଣ୍ଡା ,ଅବସରପ୍ରାପ୍ତ ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ ,ରାମଚନ୍ଦ୍ର ସେଠୀ ,ଯଶୋଦା ନନ୍ଦନ ଆଶ ,ଶ୍ୟାମ ଜେନା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଉଭୟଙ୍କୁ ଶୁଭେଚ୍ଛା ଜଣାଇବା ସହ ସଂସଦର କାର୍ଯ୍ୟକଳାପ ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଏହି ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଡ. ପଟ୍ଟନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ‘ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ କେବଳ ଓଡ଼ିଶାରେ ନୁହେଁ, ବରଂ ତମାମ ଦେଶର ଏକ ସମୃଦ୍ଧ ଓ ବିକାଶଶୀଳ ଅନୁଷ୍ଠାନ । ଏହି ଅନୁଷ୍ଠାନ ହେଉଛି ଆତ୍ମୀୟତା ଓ ସମ୍ପର୍କର ଏକ ଶ୍ରୀକ୍ଷେତ୍ର ।‘ ନିଜର ସୀମିତ ସମୟ ଅବଧି ମଧ୍ୟରେ ଅତ୍ୟନ୍ତ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେବା ସହ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି ଡ. ପଟ୍ଟନାୟକ ।

# ବାଲେଶ୍ୱରରେ ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ




ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ସମିତି ବୈଠକ ଓ ଜିଲ୍ଲାର ଶାଖା ସଂଘ ମାନଙ୍କର ସମନ୍ୱୟ ସମିତି ବୈଠକ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଇଂ ବନମାଳୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପସଭାପତି ସୁଦର୍ଶନ ଦାସ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ମହାନ୍ତି ଓ ସାବିତ୍ରୀ ଦାସ, ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ ମ□ାସୀନ ଥିଲେ । ସଂଗଠନ ସମ୍ପାଦକ ପଣ୍ଡିତ ସଞ୍ଜୟ ପଣ୍ଡା ବେଦ ପାଠ କରିଥିଲେ । ସାଧାରଣ ସମ୍ପାଦକ ଦାମୋଦର ନାୟକ ଆଜିର ବୈଠକ ଜିଲ୍ଲା ସଂଘ ଓ ଶାଖା ସଂଘମାନଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା, ସାଙ୍ଗଠନିକ ସ୍ଥିତି ଓ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ପାଇଁ ଉଦ୍ଦିଷ୍ଟ ବୋଲି କହିବା ସହିତ ଜିଲ୍ଲା ସଂଘ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାବଳୀର ଉଲ୍ଲେଖ କରିଥିଲେ । ଉପସଭାପତି ସୁଦର୍ଶନ ଦାସ ସଂଘୀୟ ଏକତାର ଆବଶ୍ୟକତା ଓ ଶାଖା ସଂଘମାନେ ସୁସଂଗଠିତ ରହିଲେ ଜିଲ୍ଲା ସଂଘ ସୁଦୃଢ଼ ରହିବ ବୋଲି ମତ ବ୍ୟକ୍ତ କରିଥିଲେ । ଅଷ୍ଟମ ବେତନ କମିଶନରେ ପେନସନର୍ସମାନଙ୍କ ପେନ୍‌ସନ୍ ନିର୍ଦ୍ଧାରଣ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ ।ଏହି ବୈଠକରେ ଜିଲ୍ଲାର ବିଭିନ୍ନ ଶାଖା ସଂଘର ସଭାପତି ଓ ସମ୍ପାଦକ ମାନେ ଯଥାକ୍ରମେ କୁପାରୀର ପ୍ରଫୁଲ୍ଲ ବେହେରା, ଶତ୍ରୁଘ୍ନ ଦାସ, ଜଳେଶ୍ୱରର କପିଳେଶ୍ୱର ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ଓଝା, ଔପଦାର ରମାକାନ୍ତ ମହାପାତ୍ର, ନିରଞ୍ଜନ ମହାନ୍ତି, ଖଇରାର ଅରୁଣ ସ୍ୱାଇଁ, ସିମୁଳିଆର ଶରତ ଚନ୍ଦ୍ର ବାରିକ, ଅର୍ଜୁନ ଜେନା, ଉ□ର ରେମୁଣାର ଯୋଗେନ୍ଦ୍ର ସିଂହ, ଉ□ର ଭୋଗରାଇର ବସନ୍ତ ଦାସ, ରାଧାନାଥ ଦାସ, ବାହାନଗାର କୃ□ବାସ ବେଜ, ପ୍ରବାସ ରଞ୍ଜନ ନାୟକ, ରେମୁଣାର ପ୍ରତିନିଧି ସନ୍ତୋଷ ବେହେରା, ବ୍ରହ୍ମପୁରର ରବିନାରାୟଣ ଚୌଧୁରୀ, ପ୍ରଫୁଲ୍ଲ ରାଉତ, ସୋରର ନବ କିଶୋର ଦାସ, ଦାମୋଦର ଦାଶମହାପାତ୍ର ଓ ବସ୍ତାର କୁମୁଦ ରଞ୍ଜନ ଗିରି ଯୋଗଦେଇ ସେମାନଙ୍କ ସଂଗଠନର ସ୍ଥିତି, କାର୍ଯ୍ୟକ୍ରମର ସୂଚନା ଦେବା ସହିତ ଜିଲ୍ଲା ସଂଘର ଦିଗଦର୍ଶନ ଓ କାର୍ଯ୍ୟାବଳୀର ପ୍ରଶଂସା କରିଥିଲେ । ସଂଗଠନର ଉନ୍ନତି ଓ ପେନସନର୍ସମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ମତ ଦେଇଥିଲେ ।ଜିଲ୍ଲା ସଂଘର ଉପଦେଷ୍ଟା ବସନ୍ତ ନାୟକ, ଜ୍ଞାନେନ୍ଦ୍ର ସାହୁ ଓ ଗୌରପ୍ରିୟ ମିଶ୍ରଙ୍କ ସହିତ କର୍ଯ୍ୟକାରୀ ସମିତିର ସଦସ୍ୟ ସଞ୍ଜୟ ପଣ୍ଡା, ଭବେଶ ପଣ୍ଡା, ଜ୍ୟୋତ୍ସ୍ନା ରାୟ, ଗୀତାଞ୍ଜଳି ଶତପଥୀ, ପ୍ରଣିତା ମିଶ୍ର, ହିରଣ୍ମୟୀ ମହାନ୍ତି, ନିଆସି ଜେନା, ଅଜୟ ନାୟକ, ସତ୍ୟନାରାୟଣ ନାୟକ, ଦିଲ୍ଲୀପ ଚକ୍ରବ□ୀ, ସୁରେନ୍ଦ୍ର ନାୟକ, ରବିନାରାୟଣ ବେହେରା ବୈଠକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପୁରୁଷୋ□ମ ବେହେରା ସହଯୋଗ କରିଥିଲେ । ଉପସଭାପତି ଦେବେନ୍ଦ୍ର ଚୌଧୁରୀ ସଂଘୀୟ ଏକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଶାଖା ସଂଘ ଓ ଜିଲ୍ଲା ସଂଘର କର୍ମକ□ା ଓ ଜିଲ୍ଲା କାର୍ଯ୍ୟକାରୀ ସମିତିର ସଦସ୍ୟ ସଦସ୍ୟାମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର,(ନି.ପ୍ର.) ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୬୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୨୯ ଗୋଟି ବ୍ୟକ୍ତିଗତ ଏବଂ ୨ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୩୪ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୩୯ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ବାଲେଶ୍ୱର ନିର୍ବାହୀ ଅଧିକାରୀ, ପୌରପାଳିକା ଶ୍ରୀଯୁକ୍ତ ଶିରୀୟାଲ ଶୁଭ୍ର ପଟେଲ, ସଦର ବିଡିଓ ଶ୍ରୀଯୁକ୍ତ ଉତମ କୁମାର ଜେନା, ସଦର ତହସିଲଦାର ଶ୍ରୀଯୁକ୍ତ ଅନିଲ କୁମାର ମହାନ୍ତିଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ‘ସହାୟକ’ର ଗୁରୁତ୍ୱପୂର୍ଣ୍ଣ ବୈଠକ

ବାଲେଶ୍ୱର(ନି.ପ୍ର.): ଜନକଲ୍ୟାଣକାରୀ ସଂଗଠନ ‘ସହାୟକ’ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଡଃ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଇଂ. ଡ. ହୃଷିକେଶ ସାହୁ ବିବରଣୀ ପାଠ କରି ଉକ୍ତ ସଂଗଠନର ଦୀର୍ଘ ୨୦ ବର୍ଷ ଧରି କରିଥିବା କାର୍ଯ୍ୟକ୍ରମର ଉପକାର ସମ୍ବନ୍ଧରେ କହିଥିଲେ । କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ । ଏପ୍ରିଲ ପହିଲାରୁ ଜୁନ ୧୫ ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ତୃଷା□ଙ୍କୁ ଜଳଦାନ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ‘ସହାୟକ’ ଓ ଅବସରପ୍ରାପ୍ତ ୨୫ଜଣ ସଭ୍ୟଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜୁଲାଇ ମାସରେ ହଳଦୀପଦା ଆଶ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପାଦକ ସୂଚନା ଦେଇଥିଲେ । ବନ୍ୟା ପ୍ରପୀଡ଼ିତ




ଲୋକମାନଙ୍କୁ ‘ସହାୟକ’ ତରଫରୁ ସହାୟତା କରିବା ଓ ଚଳିତ ରାକ୍ଷୀପୂର୍ଣ୍ଣିମାରେ କୁରୁଡ଼ାସ୍ଥିତ ଗୋଶାଳାରେ ସଂଗଠନ ତରଫରୁ ସେମାନଙ୍କୁ ସେବା କରିବା ପାଇଁ ସ୍ଥିର ହେଲା ।ବରିଷ୍ଠ ଉପଦେଷ୍ଟା ଇଂ. ବନମାଳୀ ନାୟକ, ଦିବାକର ମହାପାତ୍ର, ଇଂ. ସୁରେନ୍ଦ୍ରନାଥ ଦାସ, ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ, ଅକ୍ଷୟ କୁମାର ତ୍ରିପାଠୀ, ଶରତ କୁମର ବିଶ୍ୱାଳ, ରବୀନ୍ଦ୍ରନାଥ ଗିରି, ଗଙ୍ଗାଧର ପୃଷ୍ଟି, ଅକ୍ଷୟ କୁମାର କର, ଦୟାନିଧି ମହାପାତ୍ର, ବିଜୟ କୁମାର ମହାପାତ୍ର, ଲକ୍ଷ୍ମଣ ଚରଣ ବିଶ୍ୱାଳ, କେଶବ ଚନ୍ଦ୍ର ମହାନ୍ତି, ଡ. ତାରାକାନ୍ତ ନନ୍ଦ, ନିରଞ୍ଜନ ପରିଡ଼ା, ଭବେଶ ଚନ୍ଦ୍ର ପଣ୍ଡା, କାମିନୀକାନ୍ତ ପାଢ଼ୀ, ଦାମୋଦର ନାୟକ, ଇଂ ଗୌରାଙ୍ଗ ସାହୁ, ବସନ୍ତ ନାୟକ, କଲ୍ୟାଣୀ ନନ୍ଦ, ପ୍ରତିମା ପଣ୍ଡା, ସାବିତ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ମତ ପ୍ରଦାନ କରିଥିଲେ । ଶେଷରେ ଉପସଭାନେତ୍ରୀ ଅମିତା ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ରେଳବାଇର ଖଡ଼ଗପୁର ଡିଭିଜନ ପକ୍ଷରୁ ବାଲେଶ୍ୱରରେ ଆରମ୍ଭ ହେଲା ଆରଆରବି ଲେଭେଲ-୧ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ବସ୍ ଓ ଟ୍ରେନ୍ ସେବା ବ୍ୟବସ୍ଥା


ବାଲେଶ୍ୱର,(ନି.ପ୍ର.): ରେଳବାଇ ନିଯୁକ୍ତି ବୋର୍ଡ (ଆରଆରବି) ଲେଭେଲ-୧ କମ୍ପ୍ୟୁଟର ଭିତିକ ପରୀକ୍ଷା (ସିଇଏନ୍ ନଂ ୦୯/୨୦୨୫) ଦେବାକୁ ଯାଉଥିବା ପରୀକ୍ଷାର୍ଥୀମାନଙ୍କ ସୁବିଧା ପାଇଁ ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ମଣ୍ଡଳ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଓ ବସ୍ ସେବାର ବ୍ୟାପକ ବ୍ୟବସ୍ଥା କରାଯାଇଛି ।ବାଲେଶ୍ୱରରେ ପରୀକ୍ଷା କେନ୍ଦ୍ର ପଡ଼ିଥିବା ପରୀକ୍ଷାର୍ଥୀମାନଙ୍କ ଯାତାୟାତକୁ ସୁଗମ କରିବା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ହାଓଡା-ରୂପସା ମଧ୍ୟରେ ସ୍ୱତନ୍ତ୍ର ମେମୁ ପରୀକ୍ଷା ସ୍ପେଶାଲ୍ ଟ୍ରେନ୍ ଚଳାଚଳ କରାଯାଉଛି । ଏହା ସହିତ ରୂପସା ରେଳ ଷ୍ଟେସନରୁ ବାଲେଶ୍ୱରସ୍ଥିତ ପରୀକ୍ଷା କେନ୍ଦ୍ରଗୁଡ଼ିକ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବସ୍ ସେବାର ମଧ୍ୟ ବ୍ୟବସ୍ଥା କରାଯାଇଛି ।ସ୍ପେଶାଲ୍ ମେମୁ ଟ୍ରେନ୍ ?ରେ ଆସୁଥିବା ପରୀକ୍ଷାର୍ଥୀମାନେ ଏହି ବସ୍ ସେବାର ସୁବିଧା ପାଇବେ । ସେମାନଙ୍କୁ ପରୀକ୍ଷା କେନ୍ଦ୍ରରେ ଠିକ୍ ସମୟରେ ପହଂଚାଇବା ପାଇଁ ରୂପସା ଓ



ବାଲେଶ୍ୱର ରେଳ ଷ୍ଟେସନରେ ସହାୟତା କେନ୍ଦ୍ର (ହେଲ୍ପଡେସ୍କ) ଖୋଲାଯାଇଛି । ରେଳବାଇ କର୍ମଚାରୀମାନେ ପରୀକ୍ଷାର୍ଥୀଙ୍କୁ ବସ୍ ?ରେ ଚଢ଼ିବା ଏବଂ ନିଜ ନିଜ ପରୀକ୍ଷା କେନ୍ଦ୍ରରେ ପହଂଚିବା ସମ୍ପର୍କରେ ସହଯୋଗ କରିବେ ।ଖଡ଼ଗପୁର ମଣ୍ଡଳ ପକ୍ଷରୁ କୁହାଯାଇଛି ଯେ, ପରୀକ୍ଷାର୍ଥୀମାନଙ୍କୁ ଏକ ସୁରକ୍ଷିତ, ସୁବିଧାଜନକ ଓ ନିର୍ବିଘ୍ନ ଯାତ୍ରା ଅନୁଭୂତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା କରାଯାଇଛି । ତେଣୁ ପରୀକ୍ଷାର୍ଥୀମାନେ ଏହି ସ୍ୱତନ୍ତ୍ର ଟ୍ରେନ୍ ଓ ବସ୍ ସେବାର ପୂର୍ଣ୍ଣ ସୁଯୋଗ ନେଇ ନିରାପଦ ଓ ସମୟାନୁବର୍ତୀ ଭାବେ ପରୀକ୍ଷା କେନ୍ଦ୍ରରେ ପହଂଚିବାକୁ ରେଳବାଇ ପକ୍ଷରୁ ଅନୁରୋଧ କରାଯାଇଛି । ଖଡ଼ଗପୁର ମଣ୍ଡଳ ପକ୍ଷରୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆରଆରବି ଲେଭେଲ-୧ ପରୀକ୍ଷା ପାଇଁ ଶୁଭେଚ୍ଛା ଜଣାଯାଇଥିବା ବେଳେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳତା କାମନା କରାଯାଇଛି ।

# ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ

ବାଲେଶ୍ୱର,: ଆଜି ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ତଥା କେନ୍ଦ୍ର ସମବାୟ ବିଭାଗର ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜନଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ରାଜ୍ୟର ବିକାଶ ସହ ଜଡ଼ିତ ବିଭିନ୍ନ ସମସ୍ୟା ଏବଂ ସେଗୁଡ଼ିକର ଶୀଘ୍ର ଓ ସ୍ଥାୟୀ ସମାଧାନ ସମ୍ପର୍କରେ ତାଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଥିଲା ।



ସେହିପରି ବାଲେଶ୍ୱର ଲୋକସଭା କ୍ଷେତ୍ର ଓ ବାଲେଶ୍ୱର ଜିଲ୍ଲାର ସାମଗ୍ରିକ ବିକାଶ, ଭିତିଭୂମିର ସୁଦୃଢ଼ୀକରଣ ଏବଂ ସାଧାରଣ ଲୋକଙ୍କ ସ୍ୱାର୍ଥ ସହ ଜଡ଼ିତ ବିଭିନ୍ନ ବିଷୟ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣି ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରାଯାଇଥିଲା ।ଆଲୋଚନା ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଉପସ୍ଥାପିତ ସମସ୍ତ ପ୍ରସଙ୍ଗକୁ ସକାରାତ୍ମକ ଦୃଷ୍ଟିରେ ବିଚାର କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଆଶ୍ୱାସନ ପ୍ରଦାନ କରିଥିବା ସୂଚନା ମିଳିଛି । ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ ସହ ଓଡ଼ିଶା ଏବଂ ବାଲେଶ୍ୱରର ସାମଗ୍ରିକ ବିକାଶ ପାଇଁ ଏଭଳି ପ୍ରୟାସ ନିରନ୍ତର ଜାରି ରହିବ ବୋଲି ପ୍ରକାଶ କରାଯାଇଛି ।

# ବାରିକଭାଇ ସେବା ସଂଘ ପକ୍ଷରୁ ବୋଲବମ ଭକ୍ତ ମାନଙ୍କୁ ଜଳଖିଆ ବଂଟନ ଓ ସେବା ପ୍ରଦାନ

ବାଲେଶ୍ୱର(ନି.ପ୍ର.) ସୁଏଲପୁର ସ୍ଥିତ ବାରିକ ଭାଇ ସେବା ସଂଘ ପକ୍ଷରୁ ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ମଧ୍ୟ ରବିବାର ସନ୍ଧ୍ୟାରେ ବୋଲବମ ଭକ୍ତ ମାନଙ୍କୁ ଜଳଖିଆ ବ[ନ ସହ ସେବା ପ୍ରଦାନ କରାଯାଇଛି । ଶ୍ରାବଣ ମାସର ତୃତୀୟ ସୋମବାର କୁ ଲକ୍ଷ୍ୟ ରଖି କାଉଡ଼ିଆ ମାନେ ବାଲେଶ୍ୱରର ବୁଢ଼ାବଳଙ୍ଗ ନଦୀରୁ ଜଳ ଭାର ଧରି ବାବା ପଂଚୁଲିଙ୍ଗେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ କ୍ଷ ସେହି ବୋଲବମ ଭକ୍ତ ଗଣଙ୍କୁ ସେବା ପ୍ରଦାନ କରିବା ଲକ୍ଷ୍ୟ ନେଇ ନୀଳଗିରି ବାଉଁଶବଣିଆଁ ଛକ ଠାରେ ସ୍ୱେଚ୍ଛାସେବୀ ସଂଗଠନ ବାରିକ ଭାଇ ସେବା ସଂଘ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହିପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ସଦସ୍ୟ ମାନେ ବିଭିନ୍ନ ପ୍ରକାର ଜଳଖିଆ ଯଥା ପୁରୀ,ଡାଲମା ସହ, ଚା, ପିଇବା ପାଣି ବା[ବା ସହିତ କାଉଡ଼ିଆ ମାନଙ୍କ ଗୋଡ଼ ଏବଂ ହାତ ବ୍ୟଥାରୁ ଆରାମ ପାଇଁ ଗରମ ପାଣିରେ ଧୋଇଦେବା,ସ୍ପ୍ରେ, ଓ ଅମୃତାଞ୍ଜନ ଲଗାଇ ମାଲିସ କରିଥିବା ଲକ୍ଷ୍ୟ କରାଯାଇଛି । ଏଥିସହ ଫାଷ୍ଟଟେଡ଼ର ବ୍ୟବସ୍ଥା କରାଯାଇଥିଲା କ୍ଷ ଏହି ସେବା କାର୍ଯ୍ୟରେ ସଂଗଠନ ସଭାପତି ରମାକାନ୍ତ ବେଜ ,ଉପସଭାପତି କାଶୀନାଥ ବାରିକ,ସମ୍ପାଦକ ସନ୍ତୋଷ ବାରିକ ,କୋଷାଧ୍ୟକ୍ଷ ଯୋଗେଶ୍ୱର ବାରିକ, ଉପଦେଷ୍ଟା ଜ୍ୟୋତିପ୍ରକାଶ ବାରିକ,ସହ-ସମ୍ପାଦକ ଶିବ ଶଙ୍କର ମାନ୍ନା,ସହ- କୋଷାଧ୍ୟକ୍ଷ ସନ୍ତୋଷ ବାରିକ (ଖ ),ଶୁଭଶ୍ରୀ ବାରିକ,ରଞ୍ଜିତା ବେଜ,କବିତା ବେଜ,ଜୟନ୍ତୀ ବାରିକ, ସସ୍ମିତା ବେଜ,ଗୀତାଞ୍ଜଳି ବେଜ,ଜୋସ୍ନାରାଣୀ ବେଜ, କରୁଣାକର ବାରିକ,ଜୟନ୍ତ ବାରିକ,,ବଳରାମ ବାରିକ,ମନୋଜ ବାରିକ,ମହେଶ୍ୱର ବାରିକ,ଚନ୍ଦ୍ରକାନ୍ତ ବାରିକ,ସଞ୍ଜୟ ବାରିକ, ଶ୍ରୀଧର ବାରିକ,ମନୋରଞ୍ଜନ ବାରିକ, ବୁଲୁ ବାରିକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ ।



# ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ବ୍ୟାପକ ଅନିୟମିତତା

କୋରେଇ(ନିପ୍ର): ଯାଜପୁର ଜିଲ୍ଲା କୋରେଇ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବୈତରଣୀ ସରକାରୀ ନୋଡାଲ ବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଭାବକମାନେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଦୀର୍ଘ ଦିନ ଧରି ମଧ୍ୟାହ୍ନ ଭୋଜନରେ ଅଣ୍ଡା ବଂଟନ, ନିମ୍ନମାନର ଖାଦ୍ୟ ପରିବେଷଣ ଏବଂ ଉପସ୍ଥିତି ରେଜିଷ୍ଟରରେ ହେରଫେର କରାଯାଉଥିବା ଦାବି କରାଯାଇଛି । ଅଭିଭାବକଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟରେ ପ୍ରକୃତରେ ଯେଉଁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ରହୁଛନ୍ତି ରେଜିଷ୍ଟରରେ ତାହାଠାରୁ ଅଧିକ ସଂଖ୍ୟା ଦର୍ଶାଯାଉଛି । ଫଳରେ ଅଧିକ ପରିମାଣର ଚାଉଳ, ଡାଲି, ପନିପରିବା, ଅଣ୍ଡା ଓ ଅନ୍ୟାନ୍ୟ ଖାଦ୍ୟ




ସାମଗ୍ରୀର ବିଲ୍ ପ୍ରସ୍ତୁତ କରାଯାଇ ସରକାରୀ ଅର୍ଥର ଅପବ୍ୟବହାର ହେଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଅଭିଭାବକଙ୍କ ମତରେ ଏହି ଅନିୟମିତତା ଦୀର୍ଘ ଦିନ ଧରି ଚାଲିଆସୁଛି । ଅଭିଭାବକ ସନାତନ ପଣ୍ଡା ବିଦ୍ୟାଳୟରେ ଘଟୁଥିବା ଘଟଣାର ଭିଡିଓ ଉତୋଳନ କରି ସାର୍ବଜନୀନ କରିବା ପରେ ଘଟଣାଟି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସରକାରୀ ନିୟମ ଅନୁସାରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ପ୍ରତ୍ୟେକ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରତିଦିନ ଗରମ ରନ୍ଧା ଖାଦ୍ୟ ଦେବା ବାଧ୍ୟତାମୂଳକ । ସପ୍ତାହରେ ତିନି ଦିନ ଅଣ୍ଡା ପ୍ରଦାନ କରିବା ସହ ନିର୍ଦ୍ଧାରିତ ପରିମାଣର ପୁଷ୍ଟିକର ଖାଦ୍ୟ ଯୋଗାଇବାର ବ୍ୟବସ୍ଥା ରହିଛି । ପ୍ରାଥମିକ ଶ୍ରେଣୀର ପ୍ରତି ପିଲା ପାଇଁ ପ୍ରତିଦିନ ପ୍ରାୟ ୧୧.୫୫ ଟଙ୍କାଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ ପ୍ରାୟ ୧୪.୭୪ ଟଙ୍କା ରନ୍ଧନ ସାମଗ୍ରୀ ଖର୍ଚ୍ଚ ଧାର୍ଯ୍ୟ କରାଯାଇଛି । ଏଥିସହ ଉପସ୍ଥିତି ରେଜିଷ୍ଟର, ଷ୍ଟକ୍ ରେଜିଷ୍ଟର, ଖାଦ୍ୟ ସାମଗ୍ରୀର ବିଲ୍ ଏବଂ ବଂଟନ ରେକର୍ଡ ସଠିକ୍ ଭାବେ ସଂରକ୍ଷଣ କରିବା ମଧ୍ୟ ବାଧ୍ୟତାମୂଳକ । ଏହି ପ୍ରସଙ୍ଗରେ ଆମ ପ୍ରତିନିଧି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ନେଇଥିଲେ । ପ୍ରଧାନ ଶିକ୍ଷକ କିଛି ତ୍ରୁଟି ଘଟିଥିବା କଥା ସ୍ୱୀକାର କରିଥିବା ସହ ଭବିଷ୍ୟତରେ ଏଭଳି ତ୍ରୁଟିର ପୁନରାବୃତି ହେବ ନାହିଁ ବୋଲି କହିଛନ୍ତି । ଘଟଣା ପରେ ସ୍ଥାନୀୟ ଲୋକ ଜିଲ୍ଲା ଶିକ୍ଷା ବିଭାଗ, ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ଉପସ୍ଥିତି ରେଜିଷ୍ଟର, ଷ୍ଟକ୍ ରେଜିଷ୍ଟର, ଖାଦ୍ୟ ସାମଗ୍ରୀ କ୍ରୟ ବିଲ୍ ଓ ସରକାରୀ ଅର୍ଥ ବ୍ୟୟର ଯାଂଚ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ସେମାନେ କହିଛନ୍ତି । ଯଦି ତଦନ୍ତରେ କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର ପ୍ରଶାସନିକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି ।

# ପୂର୍ବତନ ବିଜେଡ଼ି ସଭାପତିଙ୍କ ବିୟୋଗ

ସୋର(ନିପ୍ର): ସୋର ପୌରପାଳିକା ଅନ୍ତର୍ଗତ ୧୮ ନମ୍ବର ୱାର୍ଡର ଚକବାରାହାପୂର୍ ଗ୍ରାମ ନିବାସୀ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କର (ମାଧ) ହୃଦଘାତରେ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ରବିବାର ରାତ୍ର ୧୧.୪୦ ଘଟିକା ସମୟରେ ବିୟୋଗ ହୋଇଥିବା ପରିବାର ସୂଚନା ଦେଇଛନ୍ତି । ସେ ଜଣେ ଦୟାଳୁ, ଧର୍ମପରାୟଣ, ମିଷ୍ଟଭାଷୀ ସ୍ୱଭାବ ର ବ୍ୟକ୍ତି ଥିଲେ । ରାଜନୀତିରେ ସେ ସୋର ନଗର ବିଜେଡି ରେ ସଭାପତି ରୂପେ ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇଥିଲେ । ସୋର ସ୍ୱର୍ଣ୍ଣକାର ବଣିକ ସଂଘର ସଭାପତି ଭାବରେ ମଧ୍ୟ ସେ ନିଜର କାର୍ଯ୍ୟ ତୁଲାଇଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସୋର ଅଂଚଳ ର ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ଘରେ ପହଂଚି ଶେଷ ଦର୍ଶନ କରିଥିଲେ । ସୋର ବିଧାୟକ ମାଧବ ଧଡା, ୧୨ ନମ୍ବର ୱାର୍ଡର ପାରିଷଦ ରାଜେନ୍ଦ୍ର କୁମାର ମହାନ୍ତି, ୧୮ ନମ୍ବର ୱାର୍ଡର ପାରିଷଦ ନିଶାକର ମହାନ୍ତି, ପୂର୍ବତନ ପାରିଷଦ ମହେଶ ବେହେରା, ଗୌରାଙ୍ଗ ତ୍ରିପାଠୀ ଓ ବର୍ତମାନ ବିଜେଡିର ନଗର ସଭାପତି ସୁକାନ୍ତ ମିଶ୍ର ପ୍ରମୁଖ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ । ପରେ ସୋର ନୀଳାଚଳ ସାରସ୍ୱତ ସଙ୍ଘ ଆସନ ମନ୍ଦିରକୁ ନିଆଯାଇଥିଲା । ସୋର ଶାଖା ତରଫରୁ ଅନନ୍ତ ଚନ୍ଦ୍ର ପାତ୍ର, ରାଧାକୃଷ୍ଣ ମହାପାତ୍ର , ବାସୁକୃଷ୍ଣ ମହାପାତ୍ର, ଆନନ୍ଦଭାଇ ପ୍ରମୁଖ ସଙ୍ଘ ଆସନ ମନ୍ଦିରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଣ୍ଣକାର ସଙ୍ଘ ପକ୍ଷରୁ ତାଙ୍କର ଅନ୍ତିମ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗ୍ରାମବାସୀ, ଶୁଭେଚ୍ଛୁ ଓ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଶୋକାକୋଳ ପରିବେଶ ରେ ତାଙ୍କର ମରଶରୀରକୁ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ବଡ଼ ପୁଅ ଅଭିଶେକ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ ।

# ରାଜତ ଜୟନ୍ତୀ ଓ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ




ପାରାଦୀପ(ନିପ୍ର): ପାରାଦୀପ ରୋଟାରୀ କ୍ଲବର ୨୬ତମ ପ୍ରତିଷ୍ଠା ଦିବସ ତଥା ରାଜତ ଜୟନ୍ତୀ ଉତ୍ସବ ହୋଟେଲ ମେଫେୟାର ସମ୍ମିଳନୀ କକ୍ଷରେ ମହା ସମାରୋହରେ ପାଳିତ ହୋଇଯାଇଛି । ରୋଟାରୀ ଜିଲ୍ଲା ୩୨୬୨ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ରୋଟାରୀଆନ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଏବଂ ଆଇ.ପି.ଡି.ଜି. ରୋଟାରୀଆନ ମନୋଜ କୁମାର ତ୍ରିପାଠୀ ଓ ପ୍ରଥମ ମହିଳା ସୁବ୍ରତା ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦାୟୀ ସଭାପତି ରୋଟାରୀଆନ ସୁସାନ୍ତ କୁମାର ବାଗ ନୂତନ ସଭାପତି ରୋଟାରୀଆନ ଅକ୍ଷୟ ଚନ୍ଦ୍ର ସୁତାରଙ୍କୁ ଏବଂ ସମ୍ପାଦକ ବିପ୍ଳବ କୁମାର ଜେନା ନୂତନ ସମ୍ପାଦକ ଇଂ. କାଳୀ ପ୍ରସାଦ ମିଶ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଏଥିରେ କ୍ଲବରେ ମୋଟ ୧୧ ଜଣ ନୂତନ ସଦସ୍ୟ ସାମିଲ ହୋଇଥିଲେ । ରଜତ ଜୟନ୍ତୀ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ୍.ହରନାଦ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଙ୍କ୍ୟ ବାବୁରାଓ ମାଣେ ଏବଂ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କ୍ଲବର ସମାଜସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ କ୍ଲବର ସମସ୍ତ ପୂର୍ବତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରଜତ ଜୟନ୍ତୀ ସ୍ମାରକୀ 'ପାରାଦୀପିକା' ଲୋକାର୍ପିତ ହୋଇଥିଲା । ରୋଟାରୀଆନ ଡ଼ଃ.ସୁରେନ୍ଦ୍ର ମୋହନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରୋଟାରୀଆନ ଡା. ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ରୋଟାରୀ କ୍ଲବର ଅଧ୍ୟକ୍ଷ ଅକ୍ଷୟ ସୁତାର ଆଗାମୀ ବର୍ଷ ପାଇଁ ନିଜର ଦୃଷ୍ଟିକୋଣ ପ୍ରକାଶ କରିଥିଲେ । ଡା.ଦୁର୍ଗା ପ୍ରସାଦ ସେଠୀ, କ୍ୟାପଟ୍ଟେନ୍ ଅଲେଖ ଚନ୍ଦ୍ର ସାହୁ, କ୍ୟାପଟ୍ଟେନ୍ ସୁଶାନ୍ତ ବାଗ, ବିପ୍ଳବ ଜେନା, ଦୀପକ କୁମାର ସାରଙ୍ଗୀ, ହରିହର ଦାଶ, ଡା. ଅଲୋକ ଲେଙ୍କା, ପ୍ରତାପ ଚନ୍ଦ୍ର ମଥାନ, ସୁଦର୍ଶନ ସ୍ୱାଇଁ ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବାଲିଆପାଳ(ନିପ୍ର): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଚଳିତ ମାସ ୧୨ ତାରିଖରେ ୨୦୨୬ - ୨୭ ବର୍ଷ ପାଇଁ ବାଲିଆପାଳ ବ୍ଲକରେ ପ୍ରଥମ ପର୍ଯ୍ୟାୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ । ଏଥି ପାଇଁ ସୋମବାର ବାଲିଆପାଳ ପଂଚାୟତ ସମିତି ସଭାଗୃହ ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବିଡିଓ ରାଧାରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରଭାଇଜର ରମାନାଥ କର ସିଡ଼ିପିଓ ସୁନିତା ନାୟକ ଙ୍କ ସହିତ ବିଭିନ୍ନ ପଂଚାୟତର ସରପଂଚ, ସମିତି ସଭ୍ୟ ଏବଂ ସରକାରୀ କର୍ମଚାରୀ ଯୋଗ ଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିବା ସହିତ ଏହି ଶିବିରରେ ଅଧିକରୁ ଅଧିକ ଭିନ୍ନକ୍ଷମ ମାନେ କିପରି ଅଧିକ ଲାଭ ଉଠାଇ ପାରିବେ ଏ ଦିଗରେ ବ୍ୟାପକ ପ୍ରସାର ପ୍ରଚାର ଦିଗରେ ସମସ୍ତେ ଯତ୍ନବାନ ହେବେ ବୋଲି କରିଥିଲେ । ଏହି ଶିବିରରେ କେବଳ ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ ବିଭାଗର ଭିନ୍ନକ୍ଷମମାନଙ୍କୁ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା କରି ଉପଯୁକ୍ତ ପ୍ରମାଣପତ୍ର ଦିଆଯିବ । କର୍ଣ୍ଣ, ନାସା, ଗଳା ବିଭାଗର ଭିନ୍ନକ୍ଷମମାନଙ୍କୁ ଏହି ଶିବିରକୁ ନ ଆସିବାକୁ ପ୍ରସାଶନ ପକ୍ଷରୁ ଅନୁରୋଧ କରାଯାଇଛି । ଏଥି ପାଇଁ ଉପସ୍ଥିତ ଜନପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରି ଏ ଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଡିଓଙ୍କ ନିକଟରେ ଦାବି ରଖିଥିଲେ । ବିଡିଓ ଶ୍ରୀ ଦାସ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଏ ବିଷୟରେ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ । ପରିଶେଷରେ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀଜଗନ୍ନାଥ ଟ୍ରାନ୍ସପୋର୍ଟ ପକ୍ଷରୁ କାଉଡ଼ିଆଙ୍କୁ ଖାଦ୍ୟ ବଂଟନ



ନୀଳଗିରି(ନିପ୍ର): ଶ୍ରାବଣ ମାସର ତୃତୀୟ ସୋମବାର ରେ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ କାଉଡ଼ିଆ ବହୁ ଦୂରଦୂରାନ୍ତରରୁ ବାବା ପଂଚଲିଙ୍ଗେଶ୍ୱର କୁ କାନ୍ଧରେ ପାଣି ଭାର ନେଇ ରାସ୍ତାରେ ଚାଲି ଚାଲି ଆସି ଶିବଙ୍କ ଉପରେ ପାଣି ଢ଼ାଳି ନିଜର ମାନସିକ ପୂରଣ କରିଥାନ୍ତି । ଏହିପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ଟ୍ରାନ୍ସପୋଟ ପକ୍ଷରୁ କଦମସାହି -ପଂଚଲିଙ୍ଗେଶ୍ୱର ରାସ୍ତା ର ବାଲିଓରା ଠାରେ କାଉଡିଆ ମାନଙ୍କୁ ମାଗଣା ଖାଦ୍ୟ, ପାନୀୟ ଓ ମାଗଣା ସେବା ଯୋଗାଉଥିବାର ଦେଖିବାକୁ ମିଳିଥିଲା । ଟ୍ରାନ୍ସପୋର୍ଟ ର ମୁଖ୍ୟ ଗଜେନ୍ଦ୍ର ନାୟକ (ପପୁ) ଓ ରବିନ୍ଦ୍ର ନାୟକ । ଅରୁଣ ପଟ୍ଟନାୟକ, ଗୋବିନ୍ଦ ମହାଳିକ, ଶରତ ମିଶ୍ର, ଗଗନ ରାଉତ, ଦୀପକ ପାଣିଗ୍ରାହୀ, ଅଭୟ ନାୟକ, ଚନ୍ଦନ ନାୟକ, ସୁଧାକର ମହାଳିକ ଦିପୁନ ନାୟକ ପ୍ରମୁଖ ଯୁବ ସମାଜସେବୀ ଉପସ୍ଥିତ ରହି ୧୫ ହଜାର ଶିବଭକ୍ତଙ୍କୁ ଖାଦ୍ୟ, ପାନୀୟ ଜଳ, ଔଷଧ ବଂଟନ କରୁଥିବା ଦେଖିବାକୁ ମିଳିଥିଲା ।

# ବନ୍ୟାରେ ଭାଙ୍ଗିଲା ଘର ଓ ଧୋଇଲା ରାସ୍ତା

ନୀଳଗିରି(ନିପ୍ର): ଗତ ୨୭ ତାରିଖ ଲଗାଣ ବର୍ଷାରେ ବନ୍ୟା ପରିସ୍ଥିତି ଉପୁଜି ଥିବା ବେଳେ ବହୁ ଗ୍ରାମ ଜଳ ବନ୍ଦୀ ହୋଇଥିଲା । ଏବେ ଧୀରେ ଧୀରେ ଲୋକମାନେ ଜଳ ବନ୍ଦୀରୁ ଆଂଶିକ ମୁକୁଳିଛନ୍ତି । ହେଲେ ଆସିଲା ବନ୍ୟା ଦେଇଗଲା ଦୁଃଖ । ଏହି ବନ୍ୟାରେ ରେମୁଣା ବ୍ଲକ ର ଆରମଳା ପଂଚାୟତ ଆରମଳା ଗ୍ରାମର ରବିନ୍ଦ୍ର ପ୍ରଧାନ ଙ୍କ ପୁତ୍ର ସନ୍ତୋଷ ପ୍ରଧାନ୍, ଉକ୍ତ ଗ୍ରାମ ର ମହିନ୍ଦ୍ର ପ୍ରଧାନ ଙ୍କ ପୁତ୍ର ବସନ୍ତ ପ୍ରଧାନଙ୍କ ଘରର ଆଜବେଷ୍ଟ ଓ କାନ୍ଥ ବନ୍ୟା ପାଣିରେ ଭାଙ୍ଗି ଯିବାରୁ ଘର ଭିତରେ ଥିବା ଧାନ, ଚାଉଳ,



ସରକାରୀ କାଗଜପତ୍ର, ଲୁଗାପଟା ଓ ଘରର ସମସ୍ତ ଜିନିଷ କାନ୍ଥ ପଡ଼ି ନଷ୍ଟ ହୋଇଯାଇଛି । ଘରେ ରୋଷେଇ ଶାଳଟି ପାଣିର ଭବୁ ଡୁବୁ ଖାଦ୍ୟ ବହୁ ହଇରାଣ ହେଉଛନ୍ତି । ଦୁଃଖ ଭରା କଣ୍ଠରେ ବସନ୍ତ ପ୍ରକାଶ କରିଛନ୍ତି । ଭକ୍ତ ପରିବାର ପ୍ରଶାସନ ସହଯୋଗରୁ ବଂଚିତ ଅଛନ୍ତି । ସରକାରଙ୍କ ପକ୍ଷରୁ ଆସୁଥିବା ସହଯୋଗ ତୁରନ୍ତ ଭକ୍ତ ପରିବାରକୁ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି । ସରକାର ଙ୍କ ପଲିଥିନ ପ୍ରଶାସନଙ୍କ ପାଖରେ ଗଦା ହୋଇ ପଡ଼ିଥିବା ବେଳେ ବହୁ ଲୋକ ଏଥିରେ ବଂଚିତ ହେଉଛନ୍ତି । ଏଥିପ୍ରତି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହୋଇଛି । ସେହିପରି ଆରମଳା ରୁ ଆମ୍ବଡିହା କୁ ସଂଯୋଗ କରୁଥିବା ମୁଖ୍ୟ ପିଚୁ ରାସ୍ତା ର ବଡୁଆ ଓ ନରହରିପୁର ଗ୍ରାମର ଉକ୍ତ ରାସ୍ତା ଉପରେ ବନ୍ୟା ଜଳ ବୋହିବା ଫଳରେ ପିଚୁ ତାଡ଼ି ନେଇଛି । ଉକ୍ତ ବ୍ଲକର ନୂଆପାଢି ପଂଚାୟତର ରସଲପୁର - ଗୋବରର୍ଦ୍ଧନ ପୁର ରାସ୍ତାର ଧୋବେଇତି ଗ୍ରାମଠାରେ ରାସ୍ତାଟି ଧୋଇ ଯାଇଛି । ଜରୁରୀ କାଳୀନ ସେବା ଏପରିକି ଆମ୍ବୁଲାନ୍ସ ଓ ଦମକଳ ସେବା ମଧ୍ୟ ସମ୍ପୂର୍ଣ ଠପ ହୋଇଯାଇଛି । ତୁରନ୍ତ ରାସ୍ତା ମରାମତି ପାଇଁ ଅଂଚଳବାସୀ ପ୍ରଶାସନ ପାଖରେ ଦାବୀ କରିଛନ୍ତି ।

# ଧାରଣାକାରିଙ୍କ ପ୍ରତିଶୃତି ରକ୍ଷା କଲା ପ୍ରଶାସନ

ସିମୁଳିଆ(ନିପ୍ର): ପାଣି ନିଷ୍କାସନ ହେଉ ନ ଥିବା ଯୋଗୁଁ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରି ନିରାଶ୍ରୟ ହୋଇ ଶେଷରେ ଗ୍ରାମବାସୀ ସିମୁଳିଆ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଦିନ ଧାରଣା ଦେଇଥିଲେ । ଧାରଣାକାରିଙ୍କୁ ସିମୁଳିଆ ପ୍ରଶାସନ ପକ୍ଷରୁ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ପ୍ରଶାସନ ପକ୍ଷରୁ ଘଟଣା ସ୍ଥଳରେ ପହଂଚି ସମାଧାନ କରିଥିବା ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ଅନ୍ତର୍ଗତ ଚାଲୁଣୀ ଗାଁ ପଂଚାୟତର ୫ଟି ।


## NOTICE

By virtue of an affidavit sworn before Executive Magistrate, Balasore, dated 1.8.2026 I, Mamuni Sahu, Address At.-Madhipur, P.O./P.S.-Remuna, Dist.-Balasore, Odisha-756019 declare that I have changed my name from Mauni Sahu to Mamuni Sahu. Henceforth, I shall be known as Mamuni Sahu for all purposes.

Sd/-
Mamuni Sahu



No. 32001/638/2627

ଜଳ ସମ୍ପଦ ବିଭାଗ
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜଳନିଷ୍କାଶ ବିଭାଜନ, ଭଦ୍ରକ
Office of the Superintending Engineer,
Drainage Division, Bhadrak.
email id.-eeddbdk@gmail.com
Tel No:-06784-451031
****

### "e" PROCUREMENT NOTICE NO.-02/2026-27

| | | |
|---|---|---|
| 1 | Bid Identification Number | DDBDK-02-01-2026-27 (One no individual work) |
| 2 | Name of the Work | Drainage Works (under D.I.P. Scheme) |
| 3 | Estimated cost of individual works | Rs. 26,60,433/- |
| 4 | Period of completion | 6 (Six calendar months) |
| 5 | Date & Time of availability of Bid document in the portal | From Dt. 03.08.2026 at 10.00 hours to Dt. 13.08.2026 up to 17.00 hours |
| 6 | Date & Time for receipt of Bid document in the Portal: - | From Dt. 03.08.2026 at 10.00 hours to Dt. 13.08.2026 up to 17.00 hours |
| 7 | Date of Opening of technical bid | Dt. 14.08.2026 at 11.30 hours. In the Office of the Superintending Engineer, Drainage Division, Bhadrak. |
| 8 | Name & address of the officer inviting Bids. | Superintending Engineer, Drainage Division, Bhadrak. |

Further details can be seen from the Govt. Web site www.tendersodisha.gov.in

OIPR. 32001/32057/1/26-27/0002

Sd/-
Superintending Engineer
Drainage Division, Bhadrak



GOVERNMENT OF ODISHA — No. 32001/637/2627
DEPARTMENT OF WATTER RESOURCES
OFFICE OF THE SUPERINTENDING, ENGINEER
DEO CANAL DIVISION, KARANJIA
AT/PO: KARANJIA, DIST- MAYURBHANJ- 757037


### "e" procurement Notice No. 01 / SEDCD of 2026-27
### Bid- Identification No. 01/SEDCD of 2026-27

| | | |
|---|---|---|
| 1. | Nature of the Work | : Civil Work |
| 2. | Number of Works | : 02 (Two) Nos of Individual Work |
| 3. | Approximate amount put to tender | : Rs.54.59 Lakh to Rs.60.35Lakh |
| 4. | Period of Completion | : 3 (Three) Calendar Months including rainy season |
| 5. | Class of Contractor | : "B" Class Contractor |
| 6. | Date & time of Availability of Bid document in the portal | : Dt. 05.08.2026 at 10 AM to 19.08.2026 up to 5.30 PM |
| 7. | Last date & time of seeking tender clarification | : Dt. 14.08.2026 up to 1.00 PM |
| 8. | Last date & time of receipt of Bids in the Portal | : Dt. 19.08.2026 up to 5.30 PM |
| 9. | Date, time & place of opening of Technical Bid/s (Cover-I) | : Dt. 20.08.2026 at 10.30 AM in O/o the Superintending Engineer, Deo Canal Division, Karanjia |
| 10. | Date, time & place of opening of Financial Bid/s(Cover-II) | : To be intimated after evaluation of Technical BID |
| 11. | Name & address of the officer inviting Bid | : Superintending Engineer, Deo Canal Division, Karanjia, AT/PO-Karanjia, PS-Karanjia, Dist-Mayurbhanj, PIN-757037 |

*Further details can be seen from the Govt. web site www.tendersodisha.gov.in.
Any addendum/corrigendum/cancellation of tender can also be seen in the said Website.

OIPR. 32001/32380/1/26-27/0002


Sd/-
Superintending Engineer,
Deo Canal Division, Karanjia





*ଅମ୍ଭାର ମୁକ୍ତି ଶିକ୍ଷାର ପ୍ରଥମ ଓ ଶେଷ ଲକ୍ଷ୍ୟ ହେବା ଉଚିତ ।*

# ଆଜିକାଲି



*ଦୃଷ୍ଟ୍ବା ତୁ ପପାଣ୍ଡବାନୀକଂ ବ୍ୟୂଢ଼ଂ ଦୁର୍ଯ୍ୟୋଧନସ୍ତଦା ।*
*ଆଚାର୍ଯ୍ୟମୁପସଂଗମ୍ୟରାଜା ବଚନମବ୍ରବୀତ୍ ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ସଂଜୟ କହିଲେ, ହେ ମଣିମା ! ସେହି ସମୟରେ ରାଜା ଦୁର୍ଯ୍ୟୋଧନ ଦେଖିଲେ ଯେ, ପାଣ୍ଡବସୈନ୍ୟମାନେ ବ୍ୟୁହ ରଚନା କରି ଛିଡ଼ା ହୋଇଛନ୍ତି । ତା' ପରେ ସେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଯାଇ ଏହି କଥା କହିଲେ ।

## ବନ୍ୟା ମଧ୍ୟମ ଧରଣର

ପ୍ରବଳ ବର୍ଷା ପରେ ଯଦିଓ କେତେକ ନଦୀରେ ବନ୍ୟା ଆସିଛି କିନ୍ତୁ ଏଇ ବନ୍ୟାକୁ ମଧ୍ୟମ ଧରଣର ବନ୍ୟା ବୋଲି କୁହାଯାଇପାରେ । କେବଳ ବୁଢ଼ାବଳଙ୍ଗ, ବ୍ରାହ୍ମଣୀ ଓ ବୈତରଣୀରେ ବର୍ଷା ସମୟରେ କେତେକ ସ୍ଥାନରେ ବିପଦ ସଂକେତ ଉପରେ ପାଣି ଚାଲିଥିବା ବେଳେ ଏବେ ଜଳସ୍ତର କମି ଯାଇଛି । କିନ୍ତୁ ମହାନଦୀ ହଠାତ୍ ଦୁଇ ଦିନ ହେଲା ଫୁଲିବାରେ ଲାଗିଛି । କିନ୍ତୁ ବିଶେଷଜ୍ଞ ମାନେ କହୁଛନ୍ତି ଏବେ ବି ବନ୍ୟା ନିୟନ୍ତ୍ରଣରେ ଅଛି ଏବଂ କ୍ରମଶଃ ବନ୍ୟାପାଣି କମିଯିବ । ୨/୩ ଦିନ ଧରି ପ୍ରବଳ ବର୍ଷା ହେବା ପରେ ଏବେ ପାଗ ଶୁଖିଲା ରହିଛି ଏବଂ ଖରା ମଧ ହେଉଛି । ପ୍ରବଳ ବର୍ଷାକୁ ନେଇ ସାରାରାଜ୍ୟ ଯେଉଁଭଳି ଉବୁଟୁବୁ ହେଉଥିଲା ଏବେ ଲୋକଙ୍କୁ ଆଶ୍ୱସ୍ତି ଦେଇଛି । କିନ୍ତୁ ବନ୍ୟା ଜଳରେ ବହୁ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି । ଖବର ଅନୁଯାୟୀ ୧୫ଟି ଜିଲ୍ଲାରେ ବନ୍ୟା ଜଳ ଯୋଗୁଁ ୮୦୦ ପାଖାପାଖି ଗ୍ରାମ ପ୍ରଭାବିତ ହୋଇଛି ଏବଂ ପ୍ରାୟ ଦେଢ଼ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । କ୍ଷୟକ୍ଷତି ରିପୋର୍ଟ ଖୁବ୍ ଶୀଘ୍ର ମିଳିବ ବୋଲି ଜିଲ୍ଲାପାଳ ମାନେ ସୂଚନା ଦେଇଛନ୍ତି । ଏପରିକି କେତେକ ସ୍ଥାନରେ ବନ୍ୟା କବଳରୁ ମୁକ୍ତି ପାଇଁ ଗ୍ରାମବାସୀ ମାନେ ଘର ଛାଡି ଉଚ୍ଚସ୍ଥାନକୁ ଆସିଥିବା ଦେଖାଯାଇଥିଲା ଏବଂ ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା । କୁହାଯାଉଛି ବଲାଙ୍ଗୀର ଜିଲ୍ଲାରେ ବନ୍ୟାଜଳରେ ୯ଟି ଗାଁ ବୁଡି ରହିଛି । ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, ପୁରୀ, କେନ୍ଦ୍ରାପଡ଼ା, କେନ୍ଦୁଝର ପ୍ରଭୃତି ଜିଲ୍ଲାରେ ବନ୍ୟା ଜଳ ଯୋଗୁଁ ବିଶେଷ ଭାବେ ଲୋକେ ପ୍ରଭାବିତ ହୋଇଛନ୍ତି । ନୂଆପଡ଼ା ଜିଲ୍ଲାରେ ବର୍ଷା ବିପ୍ଳାତ ଯୋଗୁଁ ଶହଶହ ଏକର ଜମି ବାଲିଚର ହୋଇ ଯାଇଛି । ଅପରପକ୍ଷରେ ପ୍ରବଳ ବର୍ଷା ଯୋଗୁଁ କ୍ଷେତରେ ପାଣି ଜମିବାରୁ ରାଜ୍ୟର ବହୁ ଅଂଚଳରେ ପନିପରିବା ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଥବାରୁ କୃଷକ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏ ବର୍ଷର ଏହା ହେଉଛି ପ୍ରଥମ ବନ୍ୟା । ଅବଶ୍ୟ କୁହାଯାଉଛି ଯେ, ଆହୁରି ପ୍ରାୟ ୫/୬ ଦିନ ପାଗ ଶୁଖିଲା ରହିବ । ସଂପ୍ରତି ଏହି ବନ୍ୟାରେ ଦୁଇ ଜଣ ମୃତ୍ୟୁବରଣ କରିଥିବା ବେଳେ କଳାହାଣ୍ଡି ଜିଲ୍ଲାରେ କାନ୍ଥ ପଡ଼ି ଜଣକର ଜୀବନ ଯାଇଛି । ଯଦିଓ ବନ୍ୟା ସଂପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ ତଥାପି ପ୍ରବଳ ଲଗାଣ ବର୍ଷା ସାଧାରଣରେ ଆତଙ୍କ ଖେଳାଇ ଦେଇଥିଲା । ବର୍ତ୍ତମାନ ପାଗ ଶୁଖିଲା ଥିବାରୁ ପୁଣି କୃଷି କାର୍ଯ୍ୟ ଆରମ୍ଭ ହୋଇଗଲାଣି । ଏବେ ଅଗଷ୍ଟ ମାସ ଚାଲିଛି ଆହୁରି ଦେଢ଼ ମାସ ପର୍ଯ୍ୟନ୍ତ ବଷା ଦିନ ରହିବ । ଜୁଲାଇ ମାସରେ ଯଦିଓ କିଛିଟା ବର୍ଷା ହୋଇଥିଲା କିନ୍ତୁ କୃଷି କାର୍ଯ୍ୟରେ ସମୁଦ୍ରକୁ ଶଂଖେ ପାଣି ଭଳି । ତଥାପି ଜୁଲାଇ ଶେଷ ଭାଗରେ ବେଶ୍ ବର୍ଷା ହୋଇଥିଲା । ସେତେବେଳେ ଚାଷୀ ମାନଙ୍କ ମନରେ ଆଶଙ୍କା ଦୂର ହୋଇଥିଲା । କିନ୍ତୁ ସଂପ୍ରତି କ୍ରମାଗତ ଭାବେ ପ୍ରବଳରୁ ଅତି ପ୍ରବଳ ବର୍ଷା କୃଷକ ମାନଙ୍କୁ ଚିନ୍ତାରେ ପକାଇବା ସ୍ୱାଭାବିକ । ଯଦି ଏଭଳି ବର୍ଷା କିଛି ଦିନ ନ ହୁଏ ତାହାଲେ କୃଷିକାର୍ଯ୍ୟ ପାଇଁ ଭଲ ଖବର ହୋଇପାରେ । କିନ୍ତୁ ଯଦି ପ୍ରବଳ ବର୍ଷିବ ତାହାଲେ ଯେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ତାହା ନୁହେଁ ସାରା ରାଜ୍ୟ ଏଥିରେ ପ୍ରଭାବିତ ହେବାରୁ ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ଦୁର୍ବଳ ନଦୀବନ୍ଧ ଗୁଡ଼ିକ ଉପରେ ସଂପୃକ୍ତ ବିଭାଗର ନଜର ରହିଛି । ଆମେ ଆଶା କରୁଛୁ ଏଇ ନଦୀବନ୍ଧ ଗୁଡ଼ିକ ଯେଭଳି କାର୍ଯ୍ୟ ତ୍ୱରାନ୍ୱିତ ହେବ ହୁଏତ ବନ୍ୟା ଜଳରୁ ସଂପୃକ୍ତ ଅଂଚଳବାସୀ ବର୍ତ୍ତିଯାଇ ପାରନ୍ତି । ଅତୀତରେ ବହୁ ନଜୀର ରହିଛି ପ୍ରବଳ ବନ୍ୟା ଯୋଗୁଁ ହଜାର ହଜାର ଗ୍ରାମ ଦୀର୍ଘ ଦିନ ଧରି ଜଳବନ୍ଦୀ ହୋଇ ଥିଲା । ଏହାକୁ ଦୃଷ୍ଟିରେ ରଖି ଏବେ ଠାରୁ ଜିଲ୍ଲାପ୍ରଶାସକ କଠୋର ହେବା ଜରୁରୀ ।


# ଓଡ଼ିଆ ସାମ୍ବାଦିକତା ଦିବସ



◆ ଗଙ୍ଗାଧର ରାଉତ

ପ୍ରତି ବର୍ଷ ଅଗଷ୍ଟ ୪ ତାରିଖକୁ ଓଡ଼ିଆ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଉଛି । ୧୮୬୬ ମସିହା ଅଗଷ୍ଟ ୪ ତାରିଖରେ କଟକରୁ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ସାପ୍ତାହିକ ଖବରକାଗଜ 'ଉତ୍କଳ ଦୀପିକା' ପ୍ରକାଶ ପାଇଥିଲା । ସେହି ଦିନଠାରୁ ଓଡ଼ିଶାରେ ଓଡ଼ିଆ ଭାଷାରେ ସମ୍ବାଦ ପତ୍ର ପ୍ରକାଶନ ର ସୁବର୍ଣ୍ଣଯୁଗ ପାଇଁ ମୂଳଦୁଆ ପଡ଼ିଲା । ଆଜକୁ ୧୬୦ବର୍ଷ ତଳେ ଏଭଳି ସମ୍ବାଦପତ୍ର ଟିଏ ପ୍ରକାଶ କରି ଓଡ଼ିଆ ମାନଙ୍କୁ ଶିକ୍ଷିତ,ଏକତ୍ରିତ,ଓ ସଚେତନ କରିବା ସହିତ ଓଡ଼ିଆ ଭାଷା ସାହିତ୍ୟ ର ବହୁଳ ପ୍ରଚାର ପାଇଁ ପ୍ରୟାସ କରିଥିଲେ କର୍ମବୀର ଗୌରୀଶଙ୍କର । ସେଦିନ ର କଥା ଆଜି ଆମକୁ ଶୁଣିବାକୁ ଭଲ ଲାଗୁଥିଲେ ମଧ୍ୟ ସେଥିପ୍ରତି ଆମେ ଗୁରୁତ୍ୱ ଦେଉଛନ୍ତି କି ।

ଓଡ଼ିଆ ଜାତିର ସୁଯୋଗ୍ୟ ସନ୍ତାନଙ୍କ ଆମେ ବଂଶଧର ହେଲେ ମଧ୍ୟ ଆମେ ଆମର ଆଧୁନିକ ବେଶ, ପରିପାଟୀ ର ଦ୍ୱାହି ଦେଇ ଅତୀତକୁ ଭୁଲି ଯାଉଛୁ । ଅତୀତ ହିଁ ଅତୀତ ହୋଇ ରହିଯାଉଛି । ସେହି ଭଳି ଆଜି ଆମ ସାମ୍ବାଦିକ ମାନଙ୍କର ସାମ୍ବାଦିକତା କ୍ଷେତ୍ରରେ ଅବସ୍ଥା ହୋଇଛି । ଓଡ଼ିଆ ଭାଷା ଏବଂ ଓଡ଼ିଆ ଜାତିର ଅସ୍ତିତ୍ୱ ରକ୍ଷା ପାଇଁ ସେ ସମୟରେ 'ଉତ୍କଳ ଦୀପିକା' ଏକ ମଶାଲ ଭଳି କାମ କରିଥିଲା । ବ୍ରିଟିଶ ଶାସନ ସମୟରେ ଓଡ଼ିଆ ଜାତିର ଦୁଃଖ, ଦୁର୍ଭିକ୍ଷ ଏବଂ ଭାଷା ଆନ୍ଦୋଳନର କଥା ଏଇ ଖବରକାଗଜ ହିଁ ଦେଶ ଦୁନିଆକୁ ପହଂଚାଇଥିଲା । ଆଜିର ଆଧୁନିକ ଯୁଗରେ ଯେଉଁଭଳି ଯୋଗାଯୋଗ ବ୍ୟବସ୍ଥା ରହିଛି ସେତେବେଳେ ତାହା ସାତ ସପନ ଥିଲା ।ଏହା ସତ୍ତ୍ୱେ ଉତ୍କଳ ଦୀପିକା ଆତ୍ମ ପ୍ରକାଶ କରି ଓଡ଼ିଆ ଭାଷା ସାହିତ୍ୟ କୁ ସମୃଦ୍ଧ କରିବାରେ ସହାୟକ ହୋଇଥିଲା । ବାରିଷ୍ଟର ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ପ୍ରମୁଖ ଏହି ପତ୍ରିକା ସହ ଜଡିତ ଥିଲେ । ସେମାନେ କଲମକୁ ହତିଆର କରି ସମାଜ ସୁଧାର ଓ ଜାତୀୟତା ବୋଧ ଜାଗ୍ରତ କରି ସମାଜ ପାଇଁ ଏକ ବଡ଼ ଛାପ ଛାଡ଼ି ଯାଇଛନ୍ତି । ଆଜି ଆମେ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭର ମାନ୍ୟତା ପାଇଛେ । ଓଡ଼ିଆ ଭାଷା ରେ ବହୁ ସମ୍ବାଦ ପତ୍ର ପ୍ରକାଶନ ହେଉଛି । ସରକାରଙ୍କ ଜନ କଲ୍ୟାଣ କାରି ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବା




ଏବଂ ଲୋକଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା - ଏଇ ଦୁଇ ଦାୟିତ୍ୱ ସାମ୍ବାଦିକମାନେ ନିର୍ବାହ କରନ୍ତି । ବାଲ୍ୟ ବିବାହ, ଦଳିତ ଉତ୍ପୀଡନ, ଦୁର୍ନୀତି, ପରିବେଶ ପ୍ରଦୂଷଣ ଭଳି ଜ୍ୱଳନ୍ତ ସମସ୍ୟାକୁ ସାମ୍ବାଦିକମାନେ ହିଁ ପ୍ରଥମେ ଆଲୋକକୁ ଆଣନ୍ତି । ଆମେ ସେହି କାମ ଠିକ ଭାବେ କରିବାକୁ କହୁଛନ୍ତି କିନ୍ତୁ କରୁଛନ୍ତି କି ।ତା'ର ଆତ୍ମ ସମୀକ୍ଷା ହେବା ଆବଶ୍ୟକ । ଆଜି ସମୟ ବଦଳିଛି । ପ୍ରିଂଟ ମିଡିଆ ସହ ଇଲେକ୍ଟ୍ରୋନିକ୍ ଏବଂ ଡିଜିଟାଲ ମିଡିଆର ଯୁଗ ଆସିଛି । ହେଲେ ଏହା ସହ ଆସିଛି ନୂଆ ଚ୍ୟାଲେଞ୍ଜ । ମିଛ ଖବର କୁ ଅତିରଞ୍ଜିତ କରି ବାରମ୍ବାର ପରିବେଷଣ କରିବା ପାଇଁ ଉଦ୍ୟମ ହେଉଛି । ତିନି ତୁଣ୍ଡରେ ଛେଳି କୁକୁର ହେବା ଭଳି ସମସ୍ୟା ଦେଖାଦେଇଛି । କୌଣସି ଘଟଣାକୁ ବଡ଼ ପାଟିରେ ବାରମ୍ବାର କହି ତାକୁ ସତରେ ରୂପାନ୍ତରିତ କରିବା ଲୋକଙ୍କ ସଂଖ୍ୟା ସମାଜରେ ବଢ଼ିଯାଇଛି । ଫଳରେ ଅବହେଳିତ ନିଷ୍ପେସିତ ଜନତାଙ୍କ ଦାବି , ବେରୋଜଗାରି, ଦରଦାମ ବୃଦ୍ଧି ପ୍ରସଙ୍ଗ ର ସ୍ୱର ଆପଣାଛାଏଁ ଚାପି ହୋଇ ଯାଉଛି । ଏହା ଆମ ସାମ୍ବାଦିକତାର ବିଶ୍ୱାସନୀୟତାକୁ ପ୍ରଶ୍ନ କରୁଛି । ଏଭଳି ସମୟରେ 'ଉତ୍କଳ ଦୀପିକା'ର ଆଦର୍ଶ - ସତ୍ୟନିଷ୍ଠା, ନିରପେକ୍ଷତା ଓ ସେବା ଭାବନାକୁ ଆମେ ମନେ ରଖିବା ଆବଶ୍ୟକ ।ଜିଲ୍ଲା ସ୍ତରରେ କାମ କରୁଥିବା ସାମ୍ବାଦିକଙ୍କ ଗୁରୁଦାୟିତ୍ୱ ରହିଛି । କାରଣ ସେମାନେ ସାଧାରଣ ଲୋକଙ୍କ ସମସ୍ୟା ସହ ଜଡ଼ିତ ହୋଇଥାନ୍ତି । ଗାଁ ଗାଁର ଖବର ଆମ ଜିଲ୍ଲାସ୍ତରୀୟ ସାମ୍ବାଦିକମାନେ ହିଁ ଆଣନ୍ତି । ଓଡ଼ିଶା ସାମ୍ବାଦିକ ୟୁନିଅନ ଭଳି ସଂଗଠନ ସାମ୍ବାଦିକ କଲ୍ୟାଣ ସହ ସରକାରୀ ଯୋଜନା କାର୍ଯ୍ୟକାରିତା ଓ ସଚେତନତା କାର୍ଯ୍ୟରେ ସଦସ୍ୟ ମାନେ ନିଜକୁ ନିୟୋଜିତ କରିଛନ୍ତି । ଏଇଟା ହିଁ ସେବାଧର୍ମୀ ସାମ୍ବାଦିକତାର ପରିଚୟ ବୋଲି ଆମେ ଆଶା ରଖିଛୁ । ଆସନ୍ତୁ ଆମେ ସମସ୍ତେ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିବା ।ଓଡ଼ିଆ ସାମ୍ବାଦିକତା ଦିବସ କେବଳ ଏକ ଦିବସ ନୁହେଁ, ଏଇଟା ଆମ ପାଇଁ ଆତ୍ମସମୀକ୍ଷାର ଦିନ । ଆମେ କେତେ ଦୂର ଆସିଲୁ ଏବଂ ଆଗକୁ କେଉଁଠି ଯିବା - ତାହା ଚିନ୍ତା କରିବାର ଦିନ । ଆସନ୍ତୁ ଆମେ ସମସ୍ତେ ଶପଥ ନେବା, ସତ୍ୟର ସେବା କରିବା, ନିର୍ଭୟରେ ଲେଖିବା ଏବଂ ଓଡ଼ିଶା ଓଡ଼ିଆର ସ୍ୱର ହୋଇ ରହିବା ।

***'କଲମ ହିଁ ଶକ୍ତି, ସତ୍ୟ ହିଁ ଧର୍ମ*'**

ଓଡ଼ିଆ ସାମ୍ବାଦିକତା ଦିବସର ସମସ୍ତ ସାମ୍ବାଦିକଙ୍କୁ ଶୁଭେଚ୍ଛା ।

*ବରିଷ୍ଠ ସାମ୍ବାଦିକ ତଥା*
*ଓଡ଼ିଶା ସାମ୍ବାଦିକ ୟୁନିଅନ*
*ବାଲେଶ୍ୱର ଜିଲ୍ଲା ଶାଖା ସଭାପତି*

# ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ : ସାମ୍ବାଦିକତା ଓ ସମ୍ବାଦପତ୍ର ଏକ ବିହଙ୍ଗାବଲୋକନ

◆ ସ୍ମିତା ରାଣୀ ଦାସ

**ଖବର କାଗଜରେ ପ୍ରାରମ୍ଭିକ (ଲିଡ୍)ର ଭୂମିକା :** ଖବରକାଗଜରେ ସମ୍ବାଦ ଲେଖିବା ସମୟରେ ତାହାର ପ୍ରାରମ୍ଭ ବା ପ୍ରାରମ୍ଭିକ ବା ଲିଡ୍ ହେଉଛି ମୁଖ୍ୟ ଫାଟକ ସଦୃଶ । ଖବରକାଗଜ ପଢ଼ିବା ସମୟରେ ପ୍ରଥମ ପାରାଟିକୁ ଲିଡ୍ ବା ପ୍ରାରମ୍ଭିକ ବୋଲି କୁହାଯାଏ । ଏହା ସାଧାରଣତଃ ଓଲଟା ପିରାମିଡ ଶୈଳୀରେ ଲେଖା ଯାଏ । ଅର୍ଥାତ୍ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଗୁଡ଼ିକ ପ୍ରଥମେ ଦିଆଯାଇ ଥାଏ । ଲିଡ୍ ଲେଖିଲା ବେଳେ 'ଛ' 'କ'ର ସୂତ୍ରପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ । ଲିଡରେ କ'ଣ, କେଉଁଠି, କେତେବେଳେ, କିଏ, କେମିତି ଓ କାହିଁକି ଆଦି ପ୍ରଶ୍ନର ଉତର ରହିବା ଜରୁରୀ । ତେବେ ବେଳେ ବେଳେ ଆମେ ଲିଡ୍ ମଧ୍ୟରେ ଏହି ସବୁ ପ୍ରଶ୍ନର ଉ□ର ଦେଇ ପାରିନଥାଉ । ସେଭଳି ପରିସ୍ଥିତିରେ ଅତ୍ୟନ୍ତ କ'ଣ, କେତେବେଳେ ଓ କେଉଁଠାରେ ଆଦି ପ୍ରଶ୍ନର ଉ□ର ଦେଇ ପାରିବେ । ଲିଡ୍‌ଟି ସାଧାରଣତଃ ସଂପୂର୍ଣ୍ଣ ଖବରର ସାରାଂଶ ହୋଇଥାଏ । ଏହାକୁ ଲମ୍ବା ନ ଲେଖାଯାଇ ୩୫-୪୦ ଶବ୍ଦ ମଧ୍ୟରେ ଲେଖିବା ହିଁ ଉପଯୁକ୍ତ । ଠିକ୍ ସେହିପରି ପ୍ରତ୍ୟେକଟି ବାକ୍ୟରେ ଅତିବେଶୀରେ ୧୫ଟି ପର୍ଯ୍ୟନ୍ତ ଶବ୍ଦ ବ୍ୟବହାର କରିବା ଉଚିତ । ଏହାଠାରୁ ଅଧିକ ଶବ୍ଦ ବ୍ୟବହାର କଲେ ବାକ୍ୟଟି ଲମ୍ବା ହୋଇ ଯାଇଥାଏ । ତେବେ ଯେତେବେଳେ ଲିଡ୍ ଲେଖାଯାଉଛି ପ୍ରଥମେ ଏହାର ମୂଳକୁ ହିଁ ଦୃଷ୍ଟି ଦେବା ପ୍ରଥମ ଆବଶ୍ୟକ । ଯଦି କୌଣସି ବିବାଦୀୟ ଘଟଣା ଉପରେ ବର୍ଣ୍ଣନା କରାଯାଉଛି ତେବେ ଯାହାଙ୍କ ସଂପର୍କରେ ଲେଖା ଯାଉଛି ତାଙ୍କର ଦୁଇପଦ ମତ ନେଇ ଲିଡ୍‌ଟି ଲେଖାଯାଇଥାଏ । ଯାହାକି ଖବରଟିକୁ ସାକାରରୂପ ଦିଆଯାଇଥାଏ । ଏହି ଲିଡ୍ ବା ପ୍ରାରମ୍ଭ ସର୍ବଦା ଛୋଟ ଓ ସରଳ ହେବା ଆବଶ୍ୟକ । ଫଳରେ ଖବର କାଗଜ ଉପରେ ଥରେ ଆଖି ବୁଲେଇ ଆଣିଲେ ପାଠକ ମାନେ ଖବରର ସାରାଂଶ ବିଷୟରେ ଜାଣି ପାରିବେ । ଯାହାକି ସୀମିତ ସଂଖ୍ୟକ ଶବ୍ଦ ବ୍ୟବହାର କରାଯାଇଥାଏ । ଏବଂ ଖବରର ଗୁରୁତ୍ୱପୂର୍ଣ୍ଣ କଥା କୁହାଯାଇଥାଏ । ବିଶେଷ ଭାବେ ବ□ମାନ ସମୟରେ ପାଠକ ମାନଙ୍କ ପାଖରେ ସର୍ବଦା ସମୟର ଅଭାବ ଥାଏ । ତେଣୁକରି ପ୍ରାରମ୍ଭିକ ବା ଲିଡ୍ ହିଁ ଖବରର ସାରାଂଶ ରଖାଯାଇଥାଏ । ଫଳରେ ତରବରିଆ ପାଠକ ମାନଙ୍କୁ ଚୁମ୍ବକରେ ଏହି ସବୁ ଖବର ବିଷୟରେ ଅବଗତ କରାଯାଇ ଥାଏ । ଯାହା ଖବରର ସାରାଂଶକୁ ପ୍ରଥମ ପାରା ହିଁ କହି ଦେଇଥାଏ ।



*ଆମ ଦୈନିନ୍ଦିନ ଜୀବନଶୈଳୀରେ ସମ୍ବାଦପତ୍ରର ଭୂମିକା ସର୍ବାଗ୍ରେ । କାରଣ ସକାଳୁସକାଳୁ ଗରମାଗରମ ଚା କପ୍ ଧରିବା ମାତ୍ରେ ପ୍ରଥମେ ଆଖି ସାମ୍ନାରେ ଝଲସି ଉଠେ ଖବର କାଗଜର ଦୃଶ୍ୟପଟ୍ଟ । ବିଶ୍ୱର ସମାଚାର ଜାଣିବା ପାଇଁ ଖବରକାଗଜର ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଚାଲୁ । ଚା କପ୍ ସହ ଖବରକାଗଜ ଯେପରି ଓତଃପ୍ରୋତଃ ଭାବେ ଜଡ଼ିତ । ତେବେ ଏଠାରେ ପ୍ରଶ୍ନ ଉଙ୍କିମାରେ ଖବର କାଗଜର ଜନ୍ମ ଇତିହାସ ସଂପର୍କରେ । ସମ୍ବାଦପତ୍ରର ମୁଖ୍ୟ ମାଧ୍ୟମ ଥିଲା ସମାଜ ସଂସ୍କାର । କୁସଂସ୍କାର ହଟାଇବା ଏବଂ ଦେଶ ଦୁନିଆର ସବିଶେଷ ବିବରଣୀ ଏବଂ ମୁଖରୋଚକ ପାଇଁ ପ୍ରତ୍ୟେକଙ୍କ ମନକୁ ଆନନ୍ଦ ଦେବା ଥିଲା ମୁଖ୍ୟ ଉଦ୍ଦେଶ୍ୟ.....*

ସହଜ ଓ ସରଳ ବାକ୍ୟରେ ଲେଖାଯାଇ ଖବରର ପ୍ରମୁଖ କଥା କହୁଥିବା ଏକ ଛୋଟ ପ୍ରାରମ୍ଭିକଟିଏ ଆଦର୍ଶ ପ୍ରାରମ୍ଭିକ ହୋଇଥାଏ । ସାଧାରଣ ସାରାଂଶ ପ୍ରାରମ୍ଭିକକୁ ବାଦ ଦେଇ ଜଣେ ସହ ସଂପାଦକ ଅନ୍ୟାନ୍ୟ ଉପାୟରେ ମଧ ଖବର ପାଇ ପ୍ରାରମ୍ଭିକ ଲେଖି ପାରିବେ । ଭିନ୍ନ ଭିନ୍ନ ଖବରର ଚାହିଦା ଅନୁଯାୟୀ ବର୍ଣ୍ଣନାତ୍ମକ ପ୍ରାରମ୍ଭିକ ଏବଂ ଧ୍ୱନି ପୃଥକ ପ୍ରାରମ୍ଭିକ (ଷ୍ଟାକ୍‌ଟୋ), ବିରୋଧାତ୍ମକ ପ୍ରାରମ୍ଭିକ, ପ୍ରଶ୍ନାତ୍ମକ ପ୍ରାରମ୍ଭିକ, ସମ୍ବୋଧନାତ୍ମକ ପ୍ରାରମ୍ଭିକ, ଉଦ୍ଧୃତାତ୍ମକ ପ୍ରାରମ୍ଭିକ ଆଦି ବ୍ୟବହାର କରାଯାଇଥାଏ । କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣା, ପରିସ୍ଥିତି, ସ୍ଥାନ, କାଳ, ବ୍ୟକ୍ତି, ବସ୍ତୁ ଓ ଅସ୍ୱାଭାବିକ ଅବସ୍ଥା ଆଡ଼କୁ ପାଠକ ମାନଙ୍କୁ ଆକର୍ଷିତ କରିବା ପାଇଁ ବର୍ଣ୍ଣନାତ୍ମକ ପ୍ରାରମ୍ଭିକର ବ୍ୟବହାର କରାଯାଇଥାଏ । ସେହିପରି ଏକା ସାଙ୍ଗରେ ଏବଂ କମ୍ ସମୟ ବ୍ୟବଧାନରେ ଘଟୁଥିବା ଏକାଧିକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ସଂପର୍କରେ ଲେଖିବା ସମୟରେ ଆମେ ଧ୍ୱନିପୃଥକ ପ୍ରାରମ୍ଭିକର ବ୍ୟବହାର କରାଯାଇଥାଏ । ଭିନ୍ନ ଭିନ୍ନ ବିରାମ ଚିହ୍ନ ସାହାଯ୍ୟରେ କିଛି ଖଣ୍ଡ ବାକ୍ୟକୁ ଯୋଡାଯାଇ ଏଭଳି ପ୍ରାରମ୍ଭିକ ଲେଖାଯାଇଥାଏ । ଧରାଯାଉ ଭାରତରେ ଘଟିଥିବା ଏକ ଘଟଣା ଏବଂ ଜାପାନରେ ଘଟିଥିବା ସେହିପରି ଏକ ଘଟଣାରେ ପରିଣତ ଭିନ୍ନ ଭିନ୍ନ ଥାଏ । ଏଭଳି ସ୍ଥଳେ ଆମେ ବିରୋଧାତ୍ମକ ପ୍ରାରମ୍ଭିକ ବ୍ୟବହାର କରିଥାଉ । ସେହିପରି ବେଳେବେଳେ ଖବରର ପ୍ରାରମ୍ଭିକ ଏକ ପ୍ରଶ୍ନରୁ ଆରମ୍ଭ ହୋଇଥାଏ । ଏହାକୁ ପ୍ରଶ୍ନାତ୍ମକ ପ୍ରାରମ୍ଭିକ କୁହାଯାଏ । ଅନେକ ସମୟରେ କାହାରିକୁ ସିଧାସଳଖ ସମ୍ବୋଧନ କରାଯାଇ ମଧ ପ୍ରାରମ୍ଭିକ ଲେଖାଯାଇଥାଏ । ଏହାକୁ ସମ୍ବୋଧନାତ୍ମକ ପ୍ରାରମ୍ଭିକ କୁହାଯାଏ । ସାଧାରଣ ସଭାରେ ଦିଆଯାଉଥିବା ବକ୍ତବ୍ୟ ବା କାହାର ମତାମତ ପ୍ରକ୍ରିୟାକୁ ଖବର ଭାବେ ଉପସ୍ଥାପନା କରିବା ସମୟରେ ଆମେ ସିଧାସଳଖ କୁହାଯାଉଥିବା କଥାକୁ ହିଁ ଆମେ ପ୍ରାରମ୍ଭିକରେ ସ୍ଥାନ ଦେଇଥାଉ । ତେଣୁ ଏହାକୁ ଉଦ୍ଧୃତାତ୍ମକ ପ୍ରାରମ୍ଭିକ କୁହାଯାଏ ।

**ବର୍ଣ୍ଣନା ବା (ବଡ଼ି) :** ପ୍ରାରମ୍ଭିକରେ ଯେଉଁ ସାରାଂଶ ବିଷୟରେ ଲେଖାଯାଇଥାଏ ତାହାକୁ ବର୍ଣ୍ଣନା ବା ସଂପୂର୍ଣ୍ଣ ଖବରର ବ୍ୟାଖ୍ୟା ବଡ଼ି ବା ବର୍ଣ୍ଣନା ଅଂଶ ମାଧ୍ୟମରେ କରାଯାଇଥାଏ । ଯଦି ଆମେ ପ୍ରାରମ୍ଭିକତାରେ କିଛି କରି ନଥାଉ ତାହାଲେ ବର୍ଣ୍ଣନା ମଧ୍ୟରେ ତାହାକୁ ସ୍ଥାନ ଦେଇଥାଏ । ଖାସ୍ କରି ବର୍ଣ୍ଣନା ମଧ୍ୟରେ 'କିପରି' ପ୍ରଶ୍ନର ଉ□ର ରହିଥାଏ । ଘଟଣାଟି କିଭଳି ଘଟିଲା ଏବଂ ତା'ର କାରଣ କ'ଣ ଆଦି ବର୍ଣ୍ଣନା ମାଧ୍ୟମରେ ସ୍ଥାନ ପାଇଥାଏ ।

*ସହସଂପାଦିକା- 'ଆଜିକାଲି'*

## ଆସିଛି ଶ୍ରାବଣ


ମେଘ ସବାରିରେ ଆସିଛି ଶ୍ରାବଣ
ବରଷୁଛି ଦିବାନିଶି
ଶୀତଳ ସଲିଳେ ଭିଜୁଛି ଧରଣୀ
ମୁରୁକି ମୁରୁକି ହସି
ରୁଣୁ ଝୁଣୁ ଗୀତ ଗାଇ
ନୀଳ ଗଗନରୁ ଝରି ପଡୁଅଛି
ଜଳ ଟୋପା ଟୋପା ହୋଇ ।
ବନ ଉପବନେ କେକୀ ନାଚୁଅଛି
ସୁନ୍ଦର ପୁଚ୍ଛକୁ ଟେକି
କଳାମେଘ କୋଳେ ଚପଳା ଚମକେ
ଆଖି ରହିଯାଏ ଲାଖି
ଶୀତଳ ବାରି ପରଶେ
ନିଶି ଆଗମନେ ବେଂଗୁଲୀ ଗାଉଛି
ପ୍ରୀତି ପୀୟୁଷର ଆଶେ ।
ନବ ପଲ୍ଲବରେ ପାଦପ ହସୁଛି
ଭୁଲି ଗ୍ରୀଷମର ଦୁଃଖ
ସରୋବର ତଟେ କୁମୁଦ ଖେଳୁଛି
ଖୋଲି ତା'ସୁନ୍ଦର ରୂପ
ଭିଜା ଦୁର୍ବାଦଳ ପରେ
ନାଲି ଟୁକୁ ଟୁକୁ ସାଧବ ବୋହୂଟି
ଚାଲୁଛି ଥିରି ପାଦରେ ।
ପବିତ୍ର ଜଳକୁ କାନ୍ଧରେ କାନ୍ଧେଇ
ଚାଲନ୍ତି ଶ୍ରଦ୍ଧାଳୁ ଜନେ
ଭୋଳାନାଥ ଶିରେ ଜଳଦାନ କରି
ଆଶିଷ ମାଗିବେ ମନେ
ଖୁସି ହେବେ ଆଶୁତୋଷ
ପ୍ରଭୁଂକ କୃପାରୁ ଦୂର ହୋଇଯିବ
ଶରୀରରୁ ସାରା କ୍ଲେଶ ।

# ସ୍ତନ୍ୟପାନ : ବଦଳୁଛି ଓଡ଼ିଶାର ଚିତ୍ର

ବିଶେଷକରି ପିଲାମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ସମ୍ପର୍କରେ ସାଧାରଣରେ ଆଲୋଚନା ମଧ ହେଉଛି । ଅନେକ ହୁଏତ ଜାଣିନଥିବେ ମା'କ୍ଷୀର ଠାରୁ ଶକ୍ତିଶାଳୀ ଅମୋଘ ରୋଗ ପ୍ରତିରୋଧକ ଶକ୍ତି ଆଉ କିଛି ନାହିଁ । ମା'କ୍ଷୀର ଶିଶୁ ପାଇଁ ଅମୃତ । ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି । ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି । ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି । ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି । ଏଣୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସପ୍ତାହେ ବ୍ୟାପୀ ମହିଳାଙ୍କୁ ସ୍ତନ୍ୟପାନ କରାଇବା ଲାଗି ସଚେତନ କରାଯାଏ । ପିଲାଟିଏ ଜନ୍ମ ହେବାର ଏକ ଘଂଟା ମଧ୍ୟରେ ତାକୁ ମା'କ୍ଷୀର ଦେବା ଉଚିତ । ଏହା ଶିଶୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇ ଥାଏ । ୬ମାସରୁ ୨ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବା ନିମନ୍ତେ ଡାକ୍ତର ମତ ଦିଅନ୍ତି । ୧୯୯୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ପ୍ରଥମ ଥର ପାଇଁ ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ୭୯ଟି ଦେଶରେ ଏହି ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ପରି ଚଳିତ ବର୍ଷର ସ୍ଲୋଗାନ ରହିଛି ନ୍ତଷ୍ଟେପ୍ ଅପ୍ ଫର୍ ବ୍ରେଷ୍ଟ ଫିଡ଼ିଂ : ଏଜୁକେଟ ଆଣ୍ଡ ସପୋର୍ଟ ।' ବିଶ୍ୱର ଏକ ତୃତୀୟାଂଶ ଶିଶୁ ଅପପୁଷ୍ଟି ଯୋଗୁଁ ପାଂଚ ବର୍ଷ ହେବା ପୂର୍ବରୁ ଆଖି ବୁଜିଥାନ୍ତି । ସନ୍ତାନ ପ୍ରସବ ହେବାର ଏକ ଘଂଟା ମଧ୍ୟରେ ସ୍ତନ୍ୟପାନ ବା କୋଲୋଷ୍ଟ୍ରମ ପାନ ଏବଂ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇବା ଜରୁରୀ । କିନ୍ତୁ ଏ ସମ୍ପର୍କରେ ଅନେକ ଅବଗତ ନୁହଁନ୍ତି । ଏଥିଯୋଗୁଁ ଦୁଇ ତୃତୀୟାଂଶ ଶିଶୁଙ୍କ ମୃତ୍ୟୁ ଘଟୁଛି । ହେଲେ ସ୍ତନ୍ୟପାନ କ୍ଷେତ୍ରରେ ଏବେ ଓଡ଼ିଶାରେ ଚିତ୍ର ଧୀରେ ଧୀରେ ବଦଳୁଛି । ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ମହିଳାମାନେ ସ୍ତନ୍ୟପାନ ପ୍ରତି




ଅଧିକ ସଚେତନ ହୋଇଛନ୍ତି । ପ୍ରସବ ପରର ପ୍ରଥମ ଦୁଗ୍ଧପାନ କରାଇବା ଏବଂ ନବଜାତକର ଯତ୍ନ ନେବାର ଅନ୍ୟାନ୍ୟ ଦିଗ ପ୍ରତି ଗର୍ଭବତୀ ମହିଳା ଏବଂ ନୂତନ ଭାବେ ମା' ହୋଇଥିବା ମହିଳା ମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧିପାଇଛି । ଚାଇଲ୍ଡ ରାଇଟସ୍ ଆଣ୍ଡ ୟୁ ଓ ଭଏସ୍ ଫର ଚାଇଲ୍ଡ ରାଇଟସ୍ ଇନ ଓଡ଼ିଶା ପକ୍ଷରୁ ମାତୃସ୍ୱାସ୍ଥ୍ୟକୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ କୋଲୋଷ୍ଟ୍ରମ ପାନ କରାଇବା ଦିଗରେ ଆଭ୍ୟନ୍ତରୀଣ ଓଡ଼ିଶା ତଥା ଆଦିବାସୀ ମହିଳାମାନେ ବିଶେଷ ସଚେତନ ହୋଇଛନ୍ତି । ବଲାଙ୍ଗୀର, କୋରାପୁଟ, ବରଗଡ଼, କଳାହାଣ୍ଡି ଓ କନ୍ଧମାଳର ୧୬୪ ଗ୍ରାମର କେତେଜଣ ମହିଳାଙ୍କୁ ନେଇ ମୋବାଇଲ ଇଂଟରାକ୍ଟିଭ ଭଏସ ରେକର୍ଡ଼ ଜରିଆରେ କରାଯାଇଥିବା ଏହି ସର୍ଭେରୁ ଜଣାଯାଇଛି ଯେ ୯୧% ମହିଳା ନବଜାତକକୁ କୋଲୋଷ୍ଟ୍ରମ ପାନ କରାଇଥାନ୍ତି । ସେହିଭଳି ୭% ନିଜ ସନ୍ତାନକୁ କୋଲୋଷ୍ଟ୍ରମ ପାନ କରାଇ ନଥିବା ବେଳେ ୨% ଏହି ପ୍ରକ୍ରିୟା ବିଷୟରେ କିଛି ଜାଣି ନଥିବା କହିଛନ୍ତି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ ସମୟରେ ଅଧିକାଂଶ ମହିଳା ଘର ଅପେକ୍ଷା ଡାକ୍ତରଖାନା ବା ନିକଟସ୍ଥ ହସ୍ପିଟାଲରେ ସନ୍ତାନ ପ୍ରସବ କରିବାକୁ ଉଚିତ ମଣୁଛନ୍ତି । ଅନୁନ୍ନତ ତଥା ଅବିକଶିତ ଅଂଚଳରେ ମଧ ଏଭଳି ସକାରାତ୍ମକ ଚିତ୍ର ଦେଖିବାକୁ ମିଳୁଥିବା ବେଳେ ୯୪% ମହିଳା ଡାକ୍ତରଖାନାରେ ପ୍ରସବ କରିଛନ୍ତି । ସେମାନଙ୍କ ମଧ୍ୟରୁ ୫୯% ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ରରେ, ୨୮% ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ୭% ଘରୋଇ ହସ୍ପିଟାଲରେ ପ୍ରସବ କରାଉଥିବା ଏହି ସର୍ଭେରୁ ଜଣାପଡ଼ିଛି । ତେବେ ପାଖାପାଖି୬% ମହିଳା ଘରେ ସନ୍ତାନ ପ୍ରସବ କରାଉଥିବା କହିଛନ୍ତି । ତେବେ ହସ୍ପିଟାଲରେ ନବଜାତକଙ୍କୁ କୋଲୋଷ୍ଟ୍ରମ ପାନ କରାଇବା ବାଧ୍ୟତାମୂଳକ ହୋଇ ଥିବା ବେଳେ ଘରେ ସନ୍ତାନ ପ୍ରସବ କରିବା ବେଳେ ଲୋକ ମାନେ ଭ୍ରାନ୍ତଧାରଣାର ଶିକାର ହୋଇ ଏଥିରୁ ଦୂରେଇ ରୁହନ୍ତି । ଅନ୍ୟ ପକ୍ଷରେ ୨୦୨୦-୨୧ରେ ନ୍ୟାସନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ ତଥ୍ୟରୁ ଜଣାପଡ଼ିଥିଲା ଯେ, ଗ୍ରାମୀଣ ଓଡ଼ିଶାରେ ୬୮.୭ ପ୍ରତିଶତ ୩ବର୍ଷରୁ କମ୍ ବୟସର ଶିଶୁଙ୍କୁ ପ୍ରସବର କିଛି ଘଂଟା ଭିତରେ ସ୍ତନ୍ୟପାନ କରାଯାଏ । ତେବେ ଏହି ଆଇଭିଆର ସର୍ଭେକୁ ଦେଖିଲେ କୋଲୋଷ୍ଟ୍ରମ ପାନ କରାଇବାର ମାତ୍ରାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବା ଦେଖାଯାଏ । ସ୍ୱାସ୍ଥ୍ୟ କର୍ମୀମାନଙ୍କ କାଉନ୍‌ସେଲିଂ, ମା'ଗୃହରେ ଏଏନଏମ୍‌ଙ୍କ ପରାମର୍ଶ ଆଦି ଏଭଳି ସକାରାତ୍ମକ ପରିବର୍ତ୍ତନ ଆଣିଥିବା କୁହାଯାଇଛି । ଅଗଷ୍ଟ ୧ରୁ ୭ ତାରିଖକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଉ ଥିବା ବେଳେ ଓଡ଼ିଶା ପାଇଁ ଏହା ଏକ ଭଲ ଖବର ବୋଲି ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁର ପ୍ରୋଗ୍ରାମ ହେଡ୍ ପକ୍ଷରୁ ସୂଚନା ଦିଆଯାଇଛି । କୋଲୋଷ୍ଟ୍ରମରେ କେବଳ ପ୍ରୋଟିନ, ଭିଟାମିନ ନ୍ତଏ' କିମ୍ବା ସୋଡିୟମ କ୍ଲୋରାଇଡ ନଥାଏ, ବରଂ ଏଥିରେ କାର୍ବୋହାଇଡ୍ରେଟ୍, ପୋଟାସିୟମ ଓ କ୍ଲୋରାଇଡର ମାତ୍ରା ମଧ କମ୍ ଥାଏ । ମା'କ୍ଷୀରକୁ ମୃତ୍ୟୁ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଏ ନେଇ ସଚେତନତା ବଢ଼ିବା ସହ ସରକାରଙ୍କ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସହାୟତା ନେବା ସବୁଠାରୁ ବାଞ୍ଛନୀୟ ।





# ଲୌହମାନବୀ ନନ୍ଦିନୀ ଶତପଥୀ




ବହୁତ କମ୍ ଯୋଗଜନ୍ମା ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜର କର୍ମ, ଜ୍ଞାନ, ଆଚରଣ, ଦୃଢ଼ ମନୋବଳ, ଇଚ୍ଛାଶକ୍ତି ଇତ୍ୟାଦି ଦ୍ୱାରା ଦେଶ ମାତୃକାର ସେବା କରିବା ସହିତ ନିଜ ତଥା ସମଗ୍ର ଜାତି ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଓଡ଼ିଶା ତଥା ଭାରତବର୍ଷର ନାମକୁ ଗୌରବାନ୍ୱିତ କରିବା ସହିତ ଏକ ସୁବର୍ଣ୍ଣ ଇତିହାସ ସୃଷ୍ଟି କରିପାରିଛନ୍ତି । ସେହିପରି ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ତଥା ଏକାଧାରାରେ ସଫଳ ରାଜନୈତିଜ୍ଞା, ସୁସାହିତ୍ୟିକା, ସୁଲେଖିକା, ସୁସଂଗଠକ, ଉତ୍କଳ ମାଟିର ସୁଯୋଗ୍ୟା ସନ୍ତାନ ତଥା ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ଲୌହ ମାନବୀ ରୂପେ ସୁପରିଚିତା । ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବହୁ ସାରସ୍ୱତ ସମ୍ମାନ ଓ ପୁରସ୍କାରର ଅଧିକାରିଣୀ, ଦିଗଦ୍ରଷ୍ଟା ତଥା ମହାନ ଜନନେତ୍ରୀ ନନ୍ଦିନୀ ଶତପଥୀ । ୧୯୩୧ ମସିହା ଜୁନ୍ ମାସ ୯ ତାରିଖ ଦିନ କଟକସ୍ଥିତ ପିଠାପୁର ଠାରେ ପଦ୍ମଭୂଷଣ ତଥା ସୁସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ମାତା ରତ୍ନମଣି ଦେବୀଙ୍କ ଜ୍ୟେଷ୍ଠା ସନ୍ତାନ ଭାବେ ଭୂମିଷ୍ଠ ହୁଅନ୍ତି । ତୁଳସୀ ଦୁଇପତ୍ରରୁ ବାସିଲା ପରି ନନ୍ଦିନୀଙ୍କ ପ୍ରତିଭା ବାଲ୍ୟକାଳରୁ ଜଣାପଡ଼ିଥିଲା । ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବା ସହିତ କେନ୍ଦ୍ରମନ୍ତ୍ରୀ ତଥା ଜଣେ ସାରସ୍ୱତ ସାଧିକା ଭାବେ ତାଙ୍କର କାର୍ଯ୍ୟର ଅବଦାନ ଅତୁଳନୀୟ । ସମସ୍ତଙ୍କ ପ୍ରେରଣାର ଉତ୍ସ ହେବା ସହିତ ବିଶେଷ ଭାବେ ମହିଳାମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ । ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ନିଜର କର୍ତ୍ତବ୍ୟ ନିଷ୍ଠା, ସମୟାନୁବର୍ତ୍ତିତା, ଦୂରଦୃଷ୍ଟି, ଜ୍ଞାନ ଓ ସାହିତ୍ୟ ସାଧନା ଦ୍ୱାରା ସମଗ୍ର ଭାରତ ବର୍ଷରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ । ମୁଖ୍ୟମନ୍ତ୍ରୀତ୍ୱ କାଳରେ ଭୂସଂସ୍କାର ଆଇନକୁ କାର୍ଯ୍ୟକାରୀ କରିବା, ଗ୍ରାମାଂଚଳରେ ମହାଜନୀ କାରବାର ବନ୍ଦ କରିବା ପାଇଁ ପଦକ୍ଷେପ ନେବା, ଯୌତୁକ ବିରୋଧରେ ଅଭିଯାନ ଆରମ୍ଭ କରି ଯୌତୁକନିରୋଧ ଆଇନ ପ୍ରଣୟନ କରିବା, ଅପରକୋଲାବ ଜଳପ୍ରକଳ୍ପ, ରେଙ୍ଗାଲି ପ୍ରୋଜେକ୍ଟ ପରି କ୍ଷୁଦ୍ର ତଥା ମଧ୍ୟମ ଧରଣର ଜଳପ୍ରକଳ୍ପ କରାଇବା ସହିତ ହରିଜନ ଓ ଆଦିବାସୀଙ୍କ ପାଇଁ କଳିଙ୍ଗକୁଟୀର ପରି ଗୃହ ସ୍କିମ୍ କରାଇବା ତାଙ୍କର ଏକ ଅଭୂତପୂର୍ବ ସଫଳତା । ସେହିପରି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ପ୍ରଜାତନ୍ତ୍ର ପ୍ରଚାର ସମିତି ଓ ବହୁ ସାରସ୍ୱତ ଅନୁଷ୍ଠାନରୁ ପୁରସ୍କାର ଓ ସମ୍ମାନିତ ହୋଇଛନ୍ତି ସେ । ଅହଂକାର ବିବର୍ଜିତ ବ୍ୟକ୍ତିତ୍ୱ ତାଙ୍କର । ସାହିତ୍ୟ ମାଧ୍ୟମରେ ସମାଜକୁ ବାର୍ତ୍ତା ଦେବା ସହିତ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଅହରହ ଚେଷ୍ଟା କରିଛନ୍ତି । ପ୍ରକାଶିତ ପୁସ୍ତକ ଓ ଗ୍ରନ୍ଥ ମଧ୍ୟରୁ ଅନାଥ, କେତୋଟି କଥା, ଗାନ୍ଧି କଥାମୃତ, ଲଜ୍ଜାର ଓଡ଼ିଆ ଅନୁବାଦ, ଉପନ୍ୟାସ ଟିକି ସୁନା ହଜିଗଲା ପ୍ରମୁଖ ତାଙ୍କର ସାରସ୍ୱତ କୃତୀ । ସେହିପରି ରାଜନୀତି କ୍ଷେତ୍ରରେ ରାଜ୍ୟସଭା ସଦସ୍ୟା, କେନ୍ଦ୍ର ସୂଚନା ଓ ପ୍ରସାରଣ ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା ବିଧାନସଭା ସଦସ୍ୟା, ଯୋଜନା ବୋର୍ଡ ଅଧ୍ୟକ୍ଷା, ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ସଦସ୍ୟା ଭାବେ ତାଙ୍କର କାର୍ଯ୍ୟ ଦକ୍ଷତା ବେଶ୍ ଗ୍ରହଣୀୟ ହୋଇଥିଲା । ଓଡ଼ିଶାର ଦ୍ୱିତୀୟ ଥର ପାଇଁ ସେ ମୁଖ୍ୟମନ୍ତ୍ରୀ ହୋଇ ଥିଲେ । ରାଜନୈତିକ ଘଟଣା- ୧୯୬୮ ରୁ ୭୨ ରାଜ୍ୟସଭା ସଦସ୍ୟା, ୧୯୬୬ ରୁ ୬୮କେନ୍ଦ୍ରରେ ସୂଚନା ଓ ପ୍ରସାରଣ ଉପ ମୁଖ୍ୟମନ୍ତ୍ରୀ, ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ସଦସ୍ୟା, ୧୯୭୨ ରୁ ୭୪ ଓଡ଼ିଶା ବିଧାନସଭା ସଦସ୍ୟା (କଟକ ସଦସର ନିର୍ବାଚନ ମଣ୍ଡଳୀ), ୧୯୭୨ ରୁ ୭୩ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ , ୧୯୭୪ ରୁ ୭୭ ଓଡ଼ିଶା ବିଧାନସଭା ସଦସ୍ୟା (ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ), ୧୯୭୪ ରୁ ୭୬ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ, ୧୯୭୭ ରୁ ୮୦ ଓଡ଼ିଶା ବିଧାନସଭା ସଦସ୍ୟା (ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ), ୧୯୮୦ ରୁ ୮୫ ଓଡ଼ିଶା ବିଧାନସଭା ସଦସ୍ୟା (ଢେଙ୍କାନାଳ), ୧୯୮୫ ରୁ ୯୦ ଓଡ଼ିଶା ବିଧାନସଭା ସଦସ୍ୟା (ଢେଙ୍କାନାଳ), ୧୯୮୯ ରୁ ୯୦ ଅଧ୍ୟକ୍ଷା ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷା, ୧୯୯୦ ରୁ ୨୦୦୦ ଗନ୍ଦିଆ ନିର୍ବାଚନ ମଣ୍ଡଳୀ ସଦସ୍ୟା, ସାହିତ୍ୟ ଓ ଗ୍ରନ୍ଥ ରଚନା- ବହୁ ସାରସ୍ୱତ ସାହିତ୍ୟ କୃତୀ ମଧ୍ୟ ତାଙ୍କର ରହିଛି । ସମାଜର ହିତ ପାଇଁ ସାହିତ୍ୟ ରଚନା କରିବା ସହିତ ଏକ ବୈପ୍ଲବୀକ ପରିବର୍ତ୍ତନ ଆଣିବା ତାଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ତାଙ୍କ ପ୍ରକାଶିତ ପୁସ୍ତକ ଓ ଗ୍ରନ୍ଥ ମଧ୍ୟରୁ ଅନାଥ, ୧୯୪୨ ମସିହାରେ ସପ୍ତମ ଶ୍ରେଣୀରେ ପଢ଼ିବାବେଳେ କଟକ ଟ୍ରେନିଂ ସ୍କୁଲ୍ ମାଗାଜିନ୍‌ରେ ଉକ୍ତ ଗଳ୍ପଟି ସ୍ଥାନୀତ ହୋଇଥିଲା । ଏହାଥିଲା ନନ୍ଦିନୀଙ୍କର ପ୍ରଥମ ଗଳ୍ପ । କେତୋଟି କଥା (୧୯୬୭) ଏହାସହିତ ଗାନ୍ଧି କଥାମୃତ, ରସିଦ ଟିକେଟ, ଲଜ୍ଜା- ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ବାଂଲାଦେଶୀ ଲେଖିକା ତସଲିମା ନସରିନ୍‌ଙ୍କ ବଙ୍ଗଳା ପୁସ୍ତକର ସେ ଓଡ଼ିଆ ଅନୁବାଦ କରିଥିଲେ । କୋଡିଏଟି ଗଳ୍ପ, ଜ୍ଞାନପୀଠ ଓ ମାଗାସେସ୍ ପୁରସ୍କାର ବିଜେତା କଲିକତାର ବିଶିଷ୍ଟ ସାହିତ୍ୟିକା ମହାଶ୍ୱେତା ଦେବୀଙ୍କ ୫୦ଟି ଗଳ୍ପ ଶୀର୍ଷକ ବଙ୍ଗଳା ପୁସ୍ତକରୁ ଓଡ଼ିଶାରେ ଅନୁଦିତ ଏହି କୋଡିଏଟି ଗଳ୍ପ । ଉକ୍ତ ଅନୁଦିତ ଗଳ୍ପଗୁଡ଼ିକ ମଧ୍ୟ ସୁଚରିତା, ସାବିତ୍ରୀ, ସୁଧନ୍ୟା ପ୍ରମୁକ ପତ୍ରିକାରେ ପ୍ରକାଶିତ ହୋଇ ଥିଲା । ଉପନ୍ୟାସ ଟିକି ସୁନା ହଜିଗଲା, ଜମି ଯେବେ ଜାଗି ଉଠେ ପ୍ରମୁଖ ତାଙ୍କର ସାରସ୍ୱତ କୃତୀ । ଏହାସହିତ ବହୁ କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ ହିନ୍ଦୀ ଓ ଇଂରାଜୀ ଭାଷାରେ ବହୁ ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତୀ ଲାଭ କରିପାରିଛି ।

**ସଂକ୍ଷେପରେ-**
ଆବିର୍ଭାବ: ୦୯ ଜୁନ୍ ୧୯୩୧
ତିରୋଧାନ: ୦୪ ଅଗଷ୍ଟ ୨୦୦୬
ପିତା: ପଦ୍ମଭୂଷଣ, ସୁସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ
ମାତା: ରତ୍ନମଣି ଦେବୀ
ଜନ୍ମସ୍ଥାନ: ପିଠାପୁର, କଟକ

**ପୁରସ୍କାର ଓ ସାମାଜିକ କାର୍ଯ୍ୟ ତନ୍ମଧ୍ୟରୁ କିଛି-**
କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ପ୍ରଜାତନ୍ତ୍ର ପ୍ରଚାର ସମିତି ପୁରସ୍କାର ତଥା ବହୁ ସାରସ୍ୱତ ଅନୁଷ୍ଠାନରୁ ସମ୍ମାନିତା । ଏହା ସହିତ ଇଣ୍ଡିଆନ୍ ଚାଇଲ୍ଡ ୱେଲଫେୟାର କାଉନସିଲ ସହିତ ଜଡ଼ିତ, ସଭାପତି ଅକ୍ଷମ କଲ୍ୟାଣ ସମିତି, ଅନ୍ଧ, ମୂକ ବଧିରମାନଙ୍କ ପାଇଁ ବିଦ୍ୟାଳୟ ସ୍ଥାପନ, ରେଡକ୍ରସ ସହିତ ଜଡ଼ିତ ରହି ସମାଜସେବା, ଏହା ସହିତ ବହୁ ବିଦେଶ ଭ୍ରମଣ ଯଥା- ଆମେରିକା, ଋଷିଆ, ଫ୍ରାନ୍ସ, ଜର୍ମାନୀ, ସିଙ୍ଗାପୁର ପ୍ରମୁଖ ଗସ୍ତରେ ଯାଇ ଭାରତର ପ୍ରତିନିଧିତ୍ୱ କରିପାରିଥିଲେ । ୨୦୦୬ ମସିହା ଅଗଷ୍ଟ ୪ ତାରିଖ ଦିନ ଏହି ମହାନ ଜନନେତ୍ରୀଙ୍କ ତିରୋଧାନ ଘଟିଥିଲା । ଜଣେ ସଫଳ ରାଜନୈତିଜ୍ଞ ସହିତ ସାରସ୍ୱତ ସାଧିକା ଏବଂ ସମଗ୍ର ମହିଳାମାନଙ୍କ ପାଇଁ ଆଜି ସେ ପାଲଟିଛନ୍ତି ପ୍ରେରଣା ଉତ୍ସ । ତାଙ୍କର ତିରୋଧାନ ଦିବସ ଅବସରରେ ତାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।

# ସ୍ୱର୍ଗତ ମୃତ୍ୟୁଞ୍ଜୟ ପରିଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ



ଅରବିନ୍ଦ ତ୍ରିପାଠୀ

ବହୁତ ସାଙ୍ଗ ମଣିଷ ଜୀବନରେ ଆସନ୍ତି ଓ ଯାଆନ୍ତି । କିଛି ସାଙ୍ଗ ସ୍ୱତନ୍ତ୍ର ଭାବେ ଆମ ମନ, ହୃଦୟ ଓ ସ୍ମୃତିରେ ଚୀରଦିନ ପାଇଁ ରହିଯାଇଥାନ୍ତି । କୌଣସି କାରଣରୁ କିଛି ଆମ ସହିତ ଅଧା ବାଟରେ ଅଟକି ଯାଆନ୍ତି, ଅଫେରା ରାଇଜକୁ ହଠାତ କାହାକୁ କିଛି ନ କହି ପଳାଇଥାନ୍ତି । ଆମ ଠାରୁ ଦୁଃଖଦାୟକ ବିଦାୟ ନେଇଥାନ୍ତି । ଏହିପରି ଜଣେ ବାଲ୍ୟ ସହପାଠୀ, କ୍ରୀଡାବିତ, ସଂଗଠକ, ହାସ୍ୟ ଅଭିନେତା ମୋର ଥିଲା ମୃତ୍ୟୁଞ୍ଜୟ ପରିଡା । ଡାକନାମ କାଳିଆ । ୧୯୮୭ ମସିହାରେ ଯେତେବେଳେ ବ୍ରହ୍ମେଶ୍ୱର ମଧ ଇଂରାଜୀ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଲା, ସେତେବେଳେ ଠାରୁ ତା ସହିତ ମୋର ପରିଚୟ । ବଡ଼ଗଡ଼ରୁ ସେ ଆସେ । ମୁଁ ବ୍ରହ୍ମେଶ୍ୱର ପାଟଣା ମନ୍ଦିର ପାଖରେ ଭଡା ଘରେ ପରିବାର ସହିତ ରୁହେ । ମୋ ଘର ପାଖରେ ଆମ ବିଦ୍ୟାଳୟର ସହପାଠୀ ସୁକାନ୍ତି, ରଞ୍ଜୁ, ଦେବସ୍ମିତା (ପୁଷି ) ମନ୍ଦିର ପାଖ, ଦୀପା (ସବିତା ) ଜିତୁଆ (ସୁଜିତ ) ଆମ ଘର ପଛପଟ ଘର, ରାଜେଶ, ଆରତୀ, ନମିତା ରହୁଥିଲେ । ଆମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗୀ ସାର (ଡ଼ଃ ଯୋଗିନାଥ ସାହୁ ) ଆମ ଘର ପଛପଟ ଘରେ ରହୁଥାନ୍ତି । ଜଣେ ସାରସ୍ୱତ ଶିକ୍ଷାବିତ, ସଂଗଠକ, ନିଆରା ସମାଜସେବୀ, ନାଟ୍ୟ ନିର୍ଦ୍ଦେଶକ ତଥା ବହୁମୁଖି ବ୍ୟକ୍ତିତ୍ୱର ଅଧିକାରୀ ଭାବେ ସାରଙ୍କ ନାମ ବେଶ ଚର୍ଚ୍ଚିତ ଥାଏ । ଯୋଗୀ ସାରଙ୍କ ପାଖକୁ ଟ୍ୟୁସନ ହେବା ପାଇଁ ମୋ ସହିତ ରଞ୍ଜୁ, ମୃତ୍ୟୁଞ୍ଜୟ, ଦେବସ୍ମିତା (ପୁଷି ), ଗଜେନ୍ଦ୍ର, ଆରତୀ, ଅନା, ଜିତୁଆ, ନମିତା ଆସୁଥିଲୁ । କାଳିଆ ବରଗଡ଼ରୁ ଆସୁଥିଲା । ସେ ସମୟରେ ବିଦ୍ୟାଳୟ ପଢ଼ାକୁ ଛାଡି ଯେଉଁ ୨ ଘ□ା ଆମେ ଯୋଗୀସାରଙ୍କ ପାଖୁ ଯାଉଥିଲୁ ଆମ ଭିତରେ ରୀତିମତ ଗୋଟେ ଥଟ୍ଟା, ମଜା ସହିତ କିଛି ନିଆରା, ରୋଚକ ଭାବର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ହେଉଥିଲା, ଯାହାକି ଶବ୍ଦରେ କହିବା ବା ଲେଖିବା କଷ୍ଟକର । ରଞ୍ଜୁ ମୋତେ ଆଉର ଓ କମଳା ଓ କାଳିଆକୁ ଆମ୍ବ ପାଇଁ କହିଥିବ, ଆମେ ତା ପାଇଁ ଆଣିଥାଉ । ଟିକିଏ ଡେରିରେ ପହ□ିଲେ ସାର କହିବେ ଏତେ ଡେରି କଣ ପାଇଁ ହେଲା ? ମୃତ୍ୟୁଞ୍ଜୟ କହିବା ଆଗରୁ ମୁଁ ସତକଥା କହିଦିଏ ସାର, ରଞ୍ଜୁ କହିଥିଲା ଖଟା, ଆମ୍ବ,ପିଜୁଳି ପାଇଁ । ସାର କହିବେ ରଞ୍ଜୁ କହିବ ଯା ଅରବିନ୍ଦ କୂଅରେ ଡେଇଁପଡ଼, ତୁ କଣ କୂଅରେ ଡେଇଁପଡ଼ିବୁ ? ଏ କଥା ଶୁଣିଲା ପରେ ଅନ୍ୟ ସାଙ୍ଗମାନେ ଜୋରରେ ହସନ୍ତି । ଆମେ ତିନିଜଣ ତିନି ଜଣଙ୍କୁ ଦୋଷ ଦିଆଦେଇ ହଉ । ଏକ ପ୍ରକାର ଆମ ଭିତରେ ଅନ୍ତରଙ୍ଗ ବନ୍ଧୁତ୍ୱ ସୃଷ୍ଟି ହେଇ ଯାଇଥିଲା କହିଲେ ଭୁଲ ହେବ ନାହିଁ । ସେ କଥା ଆଜି ସ୍ମରଣ କଲା ବେଳକୁ ଅଶ୍ରୁ ଆସି ଯାଉଛି । ସମୟ ସମୟରେ ଆମ ଘରେ କ୍ରିକେଟ ଖେଳ ଦେଖିବାକୁ କାଳିଆ ଆସିବ । ଜିତୁଆ ବି ଆସିବ । ଟ୍ୟୁସନ ଯିବାରେ ଡେରି ଟିକେ ହେଇଯାଇଥିବ । ସାର ଥଟ୍ଟା କରି ପଚାରିବେ ଆଜି ଅରବିନ୍ଦ ରଞ୍ଜୁ ପାଇଁ କିଛି ଆଣିନୁକି ! ଏ କଥା ଶୁଣିଲା ପରେ ମୁଁ ମୁହଁ ତଳକୁ ପୋତି ଦେଇଥିବି । ପଢ଼ାରେ ସେମିତି ସାରଙ୍କ ଅନୁଶାସନ ସହିତ, ନିଜ ପିଲାଙ୍କ ପରି ବ୍ୟବହାର କରିବା ଆମ ସମସ୍ତଙ୍କୁ ଗୋଟେ ଅଲଗା ପ୍ରକାର ଅନୁଭୂତି ହୁଏ । ମୋର ଗଣିତ ହୁଏନି । ଇତିହାସ, ସାହିତ୍ୟ ଆଉ ସବୁ ଗୋଟେ ପ୍ରକାର ହୁଏ । ମୁଁ ରଞ୍ଜୁ ଠାରୁ ଗଣିତ ଦେଖିବି କାଳିଆ ମୋ ଠାରୁ ରଚନା ଦେଖିବ । ଆଉ ଗୋଟେ ଦିନ, ସପ୍ତମ ଶ୍ରେଣୀରେ ଅଧ୍ୟୟନ କଲା ସମୟରେ ଆମ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହେବା ଘୋଷଣା ହେଲା । ଯେହେତୁ ଆମେ ସାରଙ୍କ ପାଖେ ଟ୍ୟୁସନ ଯାଉଥିଲୁ, ଗୋଟେ ନାଟକ ସାର ନିଜେ ଲେଖିଲେ । ସେଥିରେ ଅଭିନୟ ପାଇଁ ମୋ ସହିତ ରଞ୍ଜୁ, ମୃତ୍ୟୁଞ୍ଜୟ ରହିଲେ । ମୋର ଧମପତ୍ନୀ /ସ୍ତ୍ରୀ ଭାବେ ରଞ୍ଜୁକୁ ମନୋନୀତ କଲେ । କାଳିଆ (ମୃତ୍ୟୁଞ୍ଜୟ) ଆମର ସମୁଦି ଭାବେ ଅଭିନୟ କଲା । ଅର୍ଥାତ ମୁଁ ରଞ୍ଜୁ ହେଉଛୁ ପୁଅର ବାପା, ମା ସେ ହେଉଛି ଝିଅର ବାପା । ପ୍ରଥମେ ପ୍ରଥମେ ମୋର ଠିକ ହେଉନଥିଲା । କାଳିଆ ତାର ଠିକ କରୁଥିଲା । ତାର ହାସ୍ୟପୂର୍ଣ୍ଣ ଅଭିନୟ କିଛି ଥିଲା । ଆମେ ତିନିଜଣ ସାରଙ୍କ ଘରେ ପ୍ରାକ୍ଟିସ (ଅଭ୍ୟାସ )ରୀତିମତ କଲୁ । ୨/୩ ଥର କଲା ପରେ ସମ୍ପୂର୍ଣ୍ଣ ଭାବେ ଉକ୍ତ ଚରିତ୍ରକୁ ଆମେ ତିନି ଜଣ (ମୁଁ, ରଞ୍ଜୁ, ମୃତ୍ୟୁଞ୍ଜୟ) ସଠିକ ନ୍ୟାୟ ଦେଇ ପାରିଲୁ, ଅର୍ଥାତ ପୁରା ଠିକ ଭାବେ ହେଲା । ସେ ନାଟକଟି ପ୍ରଥମ ପୁରସ୍କାର ପାଇଲା । ଏହା ଆମ ତିନିଜଣଙ୍କ ପାଇଁ ଥିଲା ଅହେତୁକ ସଫଳତା । କେତେଥର ସାରଙ୍କ ଘରେ ଆମେ ମୁଢ଼ି, ମିକ୍ସର ଖାଇଛୁ ତାର ହିସାବ ନାହିଁ । କେତେ କଣ ସ୍ମୃତି ଲେଖିବାକୁ ଶବ୍ଦ କମ ହେବ । ଅଗଷ୍ଟ ୨ ତାରିଖ, ୨୦୨୫ ମସିହାରେ ଆମ ବାଲ୍ୟସହପାଠୀ କାଳିଆର ତିରୋଧାନ ହୋଇଥିଲା । ତାର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଭଗବାନ ତାର ଅମର ଆତ୍ମାକୁ ଶାନ୍ତି ଓ ସଦଗତି ପ୍ରଦାନ କରନ୍ତୁ ।



*ବାଲ୍ୟ ସହପାଠୀ ତଥା ମୁଖପାତ୍ର ,ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଭୁବନେଶ୍ୱର, ମୋ: ୯୯୩୭୬୮୯୬୮୩*

# ଜାତୀୟ ସେବା ଯୋଜନା ମହିଳା ୟୁନିଟ ପକ୍ଷରୁ ନିଶାମୁକ୍ତ ଯୁବା ବିକଶିତ ଭାରତ ସଂକଳ୍ପ ଅଭିଯାନ




ନୂଆପଡ଼ା :(ନି.ପ୍ର) ନୂଆପଡ଼ା ଜିଲ୍ଲା ଖଡିଆଳ ଡିଗ୍ରୀ ମହିଳା କଲେଜ ପରିସର ମଧ୍ୟରେ ଜାତୀୟ ସେବା ଯୋଜନା ମହିଳା ୟୁନିଟ ପକ୍ଷରୁ ନିଶାମୁକ୍ତ ଯୁବା ବିକଶିତ ଭାରତ ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଦେଶର ପ୍ରଧାନମନ୍ତ୍ରୀ ଯୁବା ଭାରତ ନିଶାମୁକ୍ତ ଦେଶର ଭବିଷ୍ୟତ ରୂପେ ବିଶ୍ୱ ଗୁରୁ ସଂକଳ୍ପ ସାଧିତ କରିବା ବୋଲି କାର୍ଯ୍ୟକର୍ମ ରେ କଲେଜ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ପ୍ରକାଶ କରି ଥିଲେ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁବା ପାଢ଼ୀ ପଥ ଭ୍ରଷ୍ଟ ନ ହୋଇ ଦେଶର ଅମୃତ କାଳ ରେ ବିକଶିତ ଭାରତ ସଂକଳ୍ପ କୁ ସାଧିତ କରିବା ବୋଲି ପ୍ରକାଶ କରିଥିଲେ । ସଭାରେ ଜାତୀୟ ସେବା ଯୋଜନା ମହିଳା ୟୁନିଟ ଅଧିକାରୀ ପୁଷ୍ପାଞ୍ଜଳୀ ପ୍ରଧାନୀ, କଲେଜ ଅଧ୍ୟାପିକା ପ୍ରିୟଙ୍କା ମୁଣ୍ଡ, ମହେଶ୍ୱତା ପଣ୍ଡା ପ୍ରମୁଖ ଯୋଗ ଦେଇଥିବା ବେଳେ ଲାଇବ୍ରେରୀୟନ୍ ଲକ୍ଷ୍ମୀ ନାରାୟଣ ପଣ୍ଡା ମଂଚ ପରିଚାଳନା କରିଥିଲେ । ଦେଶର ଯୁବ ପଥ ଭ୍ରଷ୍ଟ ନ ହୋଇ ଭବିଷ୍ୟତ ଭାରତ ପାଇଁ ଲକ୍ଷ ରଖିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ହସ୍ତକ୍ଷେପରେ ଦୁଇ ଦିବ୍ୟାଙ୍ଗଙ୍କୁ ମିଳିଲା ଟ୍ରାୟ ସାଇକେଲ



ନୂଆପଡ଼ା :(ନି.ପ୍ର) ନୂଆପଡ଼ା ଜିଲ୍ଲା ଖଡିଆଳ ତାଲୁକ ସ୍ତରୀୟ ଆଇନ ସେବା ସମିତି ହସ୍ତକ୍ଷେପ ପରେ ଦୁଇ ଦିବ୍ୟାଙ୍ଗ ଙ୍କୁ ମିଳିଲା ଟ୍ରାୟ ସାଇକେଲ, ନ୍ୟାୟକ ବ୍ୟବସ୍ଥା ସହ ସମାଜରେ ଆବଶ୍ୟକ ନାଗରିକଙ୍କୁ ସହାୟତା ମଧ ବ୍ୟବସ୍ଥାର ଏକ ପାର୍ଶ୍ୱ ବୋଲି ପ୍ରକାଶ କରିଛନ୍ତି । ଖଡ଼ିଆଳ ବ୍ଲକ ବିରିଘାଟ ଗ୍ରାମପଂଚାୟତ ର ଝାରସରମ୍ ଗ୍ରାମର ଦୁଇ ସମ୍ପର୍କ ଦିବ୍ୟାଙ୍ଗ ନେପୂର୍ ମାଝୀ, ଫନୀଧର ମାଝ ହସ୍ତକ୍ଷେପ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ । ଖଡ଼ିଆଳ ଅଧିକାର ମିତ୍ର କ୍ଷୀରସିନ୍ଧୁ ସଗରିଆ ଉପରୋକ୍ତ ବିଷୟ ଉପରେ ପ୍ରାଧିକରଣ ଙ୍କୁ ଅବଗତ କରିଥିଲେ । ତୁରନ୍ତ ଏହାର ପଦକ୍ଷେପ ନେଇ ଖଡ଼ିଆଳ ବିଡିଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ତୁରନ୍ତ ତାଙ୍କୁ ଦୁଇ ଗୋଟି ଟ୍ରାୟ ସାଇକେଲ ମିଳିଥିଲା । ତାଙ୍କ ସ୍ୱପ୍ନ ସାକାର ହେବ ଖୁସି ବ୍ୟକ୍ତ କରିଥିଲେ ।

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିରାକରଣ ଆଇନ ସମ୍ବନ୍ଧୀୟ ସଚେତନତା ଶିବିର

ନୂଆପଡ଼ା : (ନି.ପ୍ର) ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କୋଟେଂଚୁଆ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିରାକରଣ ଆଇନ, ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିରାକରଣ) ଆଇନ ସମ୍ବନ୍ଧୀୟ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଓଡ଼ିଶା ଜୀବିକା ମିଶନ ର ଜିଲ୍ଲା ସଂଯୋଜିକା ପ୍ରିୟଦର୍ଶିନୀ ଯୋଶୀ, ଜିଲ୍ଲାର ସ୍ଥାନୀୟ ଅଭିଯୋଗ ସମିତିର ଅଧ୍ୟକ୍ଷା



ତପସ୍ୱିନୀ ପଣ୍ଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋହିନି ଦଳପତି, ବିଦ୍ୟାଳୟର ଶିକ୍ଷକଗଣ, ଛାତ୍ରଛାତ୍ରୀ ଏବଂ ଅଧିକାର ମିତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିରାକରଣ ଆଇନ, ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିରାକରଣ) ଆଇନ ବିଷୟରେ ବିସ୍ତୃତ ଧାରଣା ଦେଇଥିଲେ ।ସ୍ଥାନୀୟ ଅଭିଯୋଗ ସମିତିର ଅଧ୍ୟକ୍ଷା ତପସ୍ୱିନୀ ପଣ୍ଡା କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ଶିକାର ହୋଇ ଥିବା ପୀଡ଼ିତାଙ୍କ ଅଭିଯୋଗ କରିବାର ପ୍ରକ୍ରିୟା ଏବଂ ତାଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ ।

# ଫୁଲବାଣୀରେ 'ବର୍ଷା କବିତା ଆସର' ଅନୁଷ୍ଠିତ

କନ୍ଧମାଳ : (ହି.ସ.)- ଫୁଲବାଣୀ ସମ୍ବାଦ ସାହିତ୍ୟ ଘର ଓ ଜିଲ୍ଲା ଲେଖକ ସାମ୍ମୁଖ୍ୟ, ଫୁଲବାଣୀର ମିଳିତ ଆନୁକୂଲ୍ୟରେ 'ବର୍ଷା କବିତା ଆସର' ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଭାପତି ରବୀନ୍ଦ୍ରନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ତଥା ବରିଷ୍ଠ ସାହିତ୍ୟିକ କୈଳାସ ଚନ୍ଦ୍ର ଧଳ ସ୍ୱାଗତ ଭାଷଣ ଦେଇଥିଲେ । କବି ଅସିତ ନନ୍ଦ ଓ ଧନପତି ଦିଗାଲ ଦୁହେଁ ପ୍ରାରମ୍ଭିକ ସ୍ୱାଗତ ଭଜନ ଗାନ କରିଥିଲେ । ପରେ ପରେ ଜବାହର ନବୋଦୟ ବିଦ୍ୟାଳୟର ଉପ - ଅଧ୍ୟକ୍ଷ ପଂଚାନନ ଜେନା, ବରିଷ୍ଠ ସାହିତ୍ୟିକ ନବୀନ କିଶୋର ପଣ୍ଡା, ସୁସାହିତ୍ୟିକ ଅଶୋକ କୁମାର ମିଶ୍ର, ଶିକ୍ଷାବିତ ଓ ସାହିତ୍ୟିକ ନବକିଶୋର ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ 'ସାହିତ୍ୟରେ ବର୍ଷା ' ଉପରେ ଆଲୋଚନା କରିଥିଲେ । କବି ବି.କେ. କମଳଙ୍କ ସଂଯୋଜନାରେ ସର୍ବଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ନବ କିଶୋର ରଥ, ଡଃ. ଚିତ ରଞ୍ଜନ ମିଶ୍ର, ଯୁଧିଷ୍ଠିର ମହାନ୍ତି, ପୀତବାସ ସାହୁ, ଡ ପୁର୍ଣ୍ଣେନ୍ଦୁ ତ୍ରିପାଠୀ, ଶ୍ରୀପତି ନାୟକ, ଗୌରୀ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ମହାକୁଡ଼, ଆଶିଷ କୁମାର ବେହେରା, ତାପସ କୁମାର ହୋତା, ମୋହନ ଦିଗାଲ, ଡ ନୃସିଂହାନନ୍ଦ ମହାପାତ୍ର, କୁମୁଦିନୀ କହଁର, ଅସିତ ନନ୍ଦ, ଅଶୋକ କୁମାର ମିଶ୍ର, ରବୀନ୍ଦ୍ରନାଥ ମିଶ୍ର, ଧନପତି ଦିଗାଲ, ନବୀନ କିଶୋର ପଣ୍ଡା, କୈଳାସ ଚନ୍ଦ୍ର ଧଳ, ପୁଷ୍ପିତା ପଟ୍ଟନାୟକ, ପଂଚାନନ ଜେନା, ବି.କେ. କମଳ ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଡ଼ିଆଳ ରାଜାଏଟି ହାଇସ୍କୁଲ ୧୯୮୩ ବ୍ୟାଚ୍ ଦ୍ୱାରା ପାଳିତ ହେଲା ବିଶ୍ୱ ବନ୍ଧୁତ୍ୱ ଦିବସ

## ୪୩ ବର୍ଷ ପରେ ମଧ୍ୟ ଅକ୍ଷୁର୍ଣ୍ଣ ରହିଛି ବନ୍ଧୁତ୍ୱ

ନୂଆପଡ଼ା (ନି. ପ୍ର): ନୂଆପଡ଼ା, ଖଡ଼ିଆଳ ସ୍ଥିତ ଜଙ୍ଗଲ ବିଭାଗ ନଗର ବନ ପରିସରରେ ଖଡ଼ିଆଳ ରାଜାଏଟି ହାଇସ୍କୁଲ ୧୯୮୩ ବ୍ୟାଚ୍ ର ବନ୍ଧୁ ମାନଙ୍କ ଦ୍ୱାରା ବିଶ୍ୱ ବନ୍ଧୁତ୍ୱ ଦିବସ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି । ୪୩ ବର୍ଷ ପରେ ବି ଜୀବନ୍ତ ବନ୍ଧୁତ୍ୱ ୧୯୮୩ ମସିହାରେ ଏହି ବିଦ୍ୟାଳୟରୁ ପାଠ ପଢ଼ି ବାହାରିଥିବା ୪୦୦ରୁ ଉର୍ଦ୍ଧ୍ୱ ବନ୍ଧୁ ଆଜି ବି ନିଜ ନିଜ କର୍ମକ୍ଷେତ୍ରରେ ଥାଇ ମଧ ପରସ୍ପର ସହ ସମ୍ପର୍କ ବଜାୟ ରଖିଛନ୍ତି । ବିଶ୍ୱ ବନ୍ଧୁତ୍ୱ ଦିବସ



ଅବସରରେ ସେମାନେ ଏକାଠି ହୋଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ ।ଏହି ଅବସରରେ ୧୯୮୩ ବ୍ୟାଚ୍ ର ଅଜିତ କୁମାର ପ୍ରଧାନ, ପ୍ରଦୀପ କୁମାର ଦଣ୍ଡସେନା, ପବିତ୍ର କୁମାର ପ୍ରଧାନ, ଡ. ଆଦିତ୍ୟ କୁମାର ଯୋଶୀ,ପ୍ରତାପ କେଶରୀ ପଟ୍ଟନାୟକ,ବିଜୟ କୁମାର ସହିସ, ପ୍ରଶାନ୍ତ କୁମାର ପଣ୍ଡା, ନରେନ୍ଦ୍ର କୁମାର ମେହେର, ଦେବେଶ କୁମାର ହୋତା, ଉମାକାନ୍ତ ରାଉତ ରାୟ, ପ୍ରଶାନ୍ତ କୁମାର ରାଜୁ, ବସନ୍ତ ଅଗ୍ରୱାଲ ପ୍ରମୁଖ ବନ୍ଧୁ ଉପସ୍ଥିତ ଥିଲେ । ସମସ୍ତେ ଏକାଠି ବସି ସ୍କୁଲ ଦିନର କଥା ଆଲୋଚନା କରିବା ସହ ନିଜ ନିଜ ମଧ୍ୟରେ ଫୁଲ ଦେଇ ଭବିଷ୍ୟତରେ ସାମାଜିକ କାର୍ଯ୍ୟରେ ଏକାଠି ହୋଇ କାମ କରିବା ପାଇଁ ସଂକଳ୍ପ ନେଇ ଥିଲେ ।ବନ୍ଧୁମାନେ କହିଥିଲେ, ସ୍କୁଲ ଜୀବନରେ ଗଢ଼ି ଉଠିଥିବା ବନ୍ଧୁତ୍ୱ ହିଁ ଆମର ସବୁଠାରୁ ବଡ଼ ସମ୍ପତି । ୪୩ ବର୍ଷ ବିତିଯାଇ ଥିଲେ ମଧ ଆମ ମଧ୍ୟରେ ଥିବା ଭଲପାଇବା ଓ ସହଯୋଗ ଆଜି ବି ସେମିତି ଅଛି ।ପରିଶେଷରେ ବୃକ୍ଷରୋପଣ କରି ବନ୍ଧୁତ୍ୱ ଦିବସ ପାଳନ କରାଯାଇଥିଲା ।

# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା : (ହି.ସ.) - ଯାଜପୁର ଜିଲା ରସୁଲପୁର ବ୍ଲକ ରୁହାନୀ ମଦ୍ରାସା(ପ୍ରାଥମିକ ବିଦ୍ୟାଳୟ)ର ପ୍ରଧାନଶିକ୍ଷକ ଅବଦୁଲ ସହିଦ ଖାଁ ତାଙ୍କ ଚାକିରୀ କାଳରୁ ଅବସର ନେଇଛନ୍ତି । ଏହି ଉଦ୍ଦେଶ୍ୟରେ ରୁହାନୀ ମଦ୍ରାସା ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଫିରଦୋଶା ଆଲାମଙ୍କ ସଭାପତିତ୍ୱରେ ଅତିଥିଭାବେ ସାମାଜିକ କର୍ମୀ ସେକ୍ ଅନୱାରୁଲ ହକ୍,ବନ୍ଧଡିହ କ୍ଲଷ୍ଟର ସିଆରସିସି ବିଜୟ କୁମାର ସାହୁ,ଏଓଏମଟିଏ ସଭାପତି ଏମ୍ଏ କାଶିମ୍ ବେଗ୍,ମହମ୍ମଦ ଜୁନେଦ ଅକ୍ତର,ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ ଓ ସମିତିସଭ୍ୟା ରୁକ୍ସାନା ପରୱିନ୍ ପ୍ରମୁଖ ଯୋଗ ଦେଇ ପ୍ରଧାନଶିକ୍ଷକ ଶ୍ରୀ ଖାଁଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିବା ସହ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅବଦୁଲରୋଫ୍ ଖାଁ,ଶିକ୍ଷକ ଅବଦୁଲ ରସିଦ୍ ଖାଁ, ଯୁବନେତା ରାକେଶ ଦେଇ,ଅମୂଲ୍ୟ ରାଉତ ଶିକ୍ଷକ ଶ୍ରୀବତ୍ସ ସାହୁ ଓ ବିରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଗୁଲଫାନ ଅଲ୍ଲୀ, ମହମ୍ମଦ ଆସଦ୍ , ତାଲିମ୍ ଖାଁ,ଆଲାମ ଖାଁ,ଅନୱର ଖାଁ,ସେକ୍ ଜାହିରୁଲ,ସଫି ଆଲାମ ଖାଁ,ଅବଦୁଲ ହଇ,ଇମତିୟାଜ୍ ଆଲାମ ଖାଁ ଓ ହାଜି ମକବୁଲ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜୁଲଫୁକାର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି ଥିଲେ ।





# ଲଡୁବାବା ଓ ଦୁତିକେଶ୍ୱରଙ୍କ ପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼



ନୟାଗଡ଼(ନିପ୍ର): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳର ପ୍ରମୁଖ ଶୈବପୀଠ ଲଡୁବାବା ଓ ଓଡ଼ଗାଁ ନିକଟ ଜାମୁପାଟଣା ସ୍ଥିତ ବାବା ଦୁତିକେଶ୍ୱରଙ୍କ ମନ୍ଦିରରେ ସୋମବାର କାଉଡ଼ିଆଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । କାଉଡ଼ିଆମାନେ ମାନସିକପୂର୍ଣ୍ଣ ପାଇଁ କଂଟିଲୋ ମହାନଦୀରୁ ପାଣିଉଠାଇ ଖାଲି ପାଦରେ ଚାଲିଚାଲି ଆସି ଶରଣକୁଳରେ ପହଂଚିଛନ୍ତି । କାଉଡ଼ିଆମାନଙ୍କ ସୁବିଧା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଯାତ୍ରା ପଡ଼ିଆରେ ପାଣିଭାର ରଖିବାର ବ୍ୟବସ୍ଥା କରାଯାଇ ଥିଲା । ମନ୍ଦିର ଖୋଲିବା ପରେ ପ୍ରଥମେ ମହିଳାମାନଙ୍କୁ ପାଣି ଢାଳିବାର ସୁଯୋଗ ଦିଆଯିବା ସହିତ ପରେ ପୁରୁଷ ଭକ୍ତମାନେ ଧାଡ଼ିରେ ଆସି ପାଣି ଢାଳିଥିବା ଜଣାପଡ଼ିଛି । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କାଉଡ଼ିଆଙ୍କ ପାଇଁ ସାଧା ଅନ୍ନ ଓ ପାନୀୟଜଳର ବ୍ୟବସ୍ଥା କରାଯାଇ ଥିବା ବେଳେ କାଉଡ଼ିଆଙ୍କ ସୁବିଧା ପାଇଁ ମନ୍ଦିର ପକ୍ଷରୁ ବାରିକେଟ କରି ଧାଡ଼ିର ବ୍ୟବସ୍ଥା କରାଯାଇଥିଲା । ଲଡୁବାବାଙ୍କ ପୀଠରେ ସାଢ଼େ ୭୮୮୨ଜଣ କାଉଡ଼ିଆ ପାଣି ଢ଼ାଳିଥିବାବେଳେ ଜାମୁପାଟଣା ସ୍ଥିତ ବାବା ଦୂତୀକେଶ୍ୱରଙ୍କ ପୀଠରେ ୨୮୦୦ ଜଣ କାଉଡ଼ିଆ ପାଣିଢ଼ାଳିଥିବା ଜଣାପଡ଼ିଛି । ସମସ୍ତ କାଉଡ଼ିଆ ଯେପରି ସୁବିଧାରେ ଜଳଲାଗି କରିବେ ସେଥିପାଇଁ ଓଡ଼ଗାଁ ପୁଲିସ ଓ ଶରଣକୁଳ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ ସୋମବାର ଦିନ କାଉଡ଼ିଆଙ୍କ ଭିଡ଼ଲାଗି ରହିବ ଓ ଠାକୁର ଦର୍ଶନ କରିବାରେ କୌଣସି ଅସୁବିଧା ସୃଷ୍ଟିହେବ ନାହିଁବୋଲି ମନ୍ଦିର ସୁପର ଭାଇଜର ସୂଚନା ଦେଇଛନ୍ତି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜନସାଧାରଣଙ୍କ ସମସ୍ୟାର ଶୁଣାଣି ଓ ସମାଧାନ ଉଦ୍ଦେଶ୍ୟରେ ନୟାଗଡ଼ ଜିଲ୍ଲାପାଳ ଏବଂ ଏସପିଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୨୦୫ଟି ଆବେଦନ ଗ୍ରହଣ କରାଯାଇଥି । ମୋଟ ଅଭିଯୋଗ ମଧ୍ୟରୁ ୦୫ଗ୍ରାମ୍ୟ ସମସ୍ୟା, ବ୍ୟକ୍ତି ଗତ ସମସ୍ୟା ୧୯୬ଏବଂ ୪ଟି ମୁଖ୍ୟମନ୍ତ୍ରୀ ନିନିଫ ଫଟ ସହାୟତା ପାଇଁ ଆବେଦନ ରହିଥିଲା । ଶୁଣାଣି ସମୟରେ ଜିଲ୍ଲାରସମସ୍ତ ଅଧିକାରୀମାନେ ବିଭିନ୍ନ ଅଭିଯୋଗର ତଦନ୍ତ କରି ୧୧୬ଟି ମାମଲାର ଚୂଳକ ସମାଧାନ କରିଥିଲେ । ଅବଶିଷ୍ଟ ଆବେଦନଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଯାଇ ଶୀଘ୍ର ସମାଧାନ ପାଇଁ ଦିଆଯାଇଛି ଆଦେଶ ଦିଆ ଯାଇଛି

# ଅବସରପ୍ରାପ୍ତ କର୍ମଚାରୀଙ୍କ ନିମନ୍ତେ ନିଦାବିଷ୍ଟୁ ସାଜିଲେ ସରକାର

ବୈଶିଙ୍ଗା(ନିପ୍ର): ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ୨୦୧୬ ମସିହାଠାରୁ ୨୦୨୬ ମସିହା ଦଶବର୍ଷଧରି ରାଜ୍ୟସରକାରଙ୍କୁ ସିଧା ବହୁବାର ୯ ଦଫା ଦାବି ସମ୍ମିଳିତ ପତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧୭ ଗୋଟି ବ୍ଲକ୍ ତଥା ଅନୁବନ୍ଧିତ ସଂଗଠନ ଦ୍ୱାରା ସ୍ଥାନୀୟ ବିଡିଓ, ତହସିଲଦାର, ଉପ-ଜିଲାପାଳ, ଅତିରିକ୍ତ ଜିଲ୍ଲା ପାଳ ଓ ଜିଲ୍ଲାପାଳମାନଙ୍କ ଠାରେ ଦାଖଲ କରିଛି । ସଂଘର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଗଣ, ଭୁବନେଶ୍ୱର ପି.ଏମ.ଜି. ଛକରେ ପ୍ରତ୍ୟେକ ବର୍ଷ ଧାରଣା ଦେଇ ଆସୁଛନ୍ତି । ଦାବି ମଧ୍ୟରେ ମୁଖ୍ୟତଃ, ଚିକିତ୍ସା ଭତା,ବୀମା ବ୍ୟବସ୍ଥା, ବସ ଭଡାରେ ରିହାତି, ପେନସନ ବିଭାଗ ପୁଣିଥରେ ଚାଲୁ କରିବା, କମ୍ୟୁଟେଡ ପେନସନ ସମୟସୀମା ହ୍ରାସ ଇତ୍ୟାଦି ପ୍ରମୁଖ ଦାବି ମାନ ରହିଅଛି । ତଥାପି ବିଗତ ସରକାର ବା ଏବେର ସରକାର ନିଦାବିଷ୍ଟୁ ହୋଇ ବସିଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ଦାବିପତ୍ର ଉପରେ ସଂଘୀୟ କର୍ମକର୍ତ୍ତାଙ୍କୁ ଥରଟିଏ ଡକାଇ ସରକାର ଆଲୋଚନା କରୁନାହାନ୍ତି । ଏହାର ତୀବ୍ର ପ୍ରତିବାଦ କରିବାକୁ ଯାଇ ଆସନ୍ତା ଅଗଷ୍ଟ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପି: ଏମ୍. ଜି ଛକ ଭୁବନେଶ୍ୱର ଠାରେ ପରିଣତ ବୟସ୍କ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଗଣ ଅହୋରାତ୍ର ଧାରଣା ଦେବାକୁ ଚରମ ନିଷ୍ପତି ଗ୍ରହଣ କରିଅଛନ୍ତି । ଏଥି ନିମନ୍ତେ ଗତ ୧ ତାରିଖ ମାଛୁଆ ବଜାର, କଟକ ଠାରେ ରାଜ୍ୟ କମିଟି ବୈଠକରେ ଦୃଢ ନିଷ୍ପତି ହୋଇଥିବାର ଉକ୍ତ ବୈଠକରେ ଯୋଗ ଦେଇଥିବା, ବେତନଟୀ ବ୍ଲକ୍ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଠାରୁ ପ୍ରକାଶ । ଏହାକୁ ସଫଳ କରିବା ନିମନ୍ତେ ବେତନଟୀରୁ ଅନେକ ସଭ୍ୟଗଣ ୧୮ ଅଗଷ୍ଟରେ ଭୁବନେଶ୍ୱର ଯିବେ ବୋଲି ବ୍ଲକ୍ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଜଣାଇଛନ୍ତି ।

# ସ୍ଲୁଇସ ଗେଟ ନିର୍ମାଣ ନାଁରେ ଟଙ୍କା ହଡ଼ପ ଅଭିଯୋଗ: ତଦନ୍ତ ଦାବି



ଲଙ୍କେଶ୍ୱର(ନିପ୍ର): ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ବାଲିକୁଟୀ ପଂଚାୟତ ଦକ୍ଷିଣ ମହାବଳା ଗ୍ରାମରେ ବାଲିଆପାଳ ଡ୍ରେନେଜ୍ ବିଭାଗ ଦ୍ୱାରା କୋଟିଏ ଟଙ୍କା ବିନିମୟରେ ଗତ ୧୫ ବର୍ଷ ତଳେ ନିର୍ମାଣ କରାଯାଇଥିଲା ଏଇ ସ୍ଲାଇସ୍ ଗେଟ୍ । କୋଷ୍ଟ କେନାଲକୁ ସଂଯୋଗ କରୁଥିବା ଖାଳର ବନ୍ୟା ପାଣିକୁ ନିୟନ୍ତ୍ରଣ କରିବା ଓ ଧୋଇୟା ଅଂଚଳର ଚାଷଜମିରୁ ଉଦ୍‌ବୃତ ବର୍ଷା ପାଣିକୁ ନିଷ୍କାସନ କରିବା ଉଦ୍ଦେଶ୍ୟରେ ଏଇ ପ୍ରକଳ୍ପଟି ନିର୍ମାଣ କରାଯାଇଥିଲା । ତେବେ ପ୍ରକଳ୍ପ କାର୍ଯ୍ୟର ଆହୁରି କିଛି ଅଂଶ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ ଏହାକୁ ବନ୍ଦ କରି ଯନ୍ତ୍ରୀ ଓ ଠିକାଦାର ଅର୍ଥ ହରିଲୁଟ୍ କରିନେଲେ ବୋଲି ଅଭିଯୋଗ ହୋଇଛି । ୧୫ ବର୍ଷ ତଳେ ନିର୍ମିତ ଏହି ପ୍ରକଳ୍ପ କେବେ କୌଣସି କାମରେ ଆସିନାହିଁ । ଏହି ଗେଟ୍‌ରେ କେବେ କବାଟ ପଡ଼ିବାର କେହି ଦେଖିନାହିଁ । ଚାଷୀମାନେ ପୂର୍ବଭଳି ଯେମିତି ହଇରାଣ ହରକତ ହେଉଥିଲେ ଏବେ ମଧ ସେମିତି ହଇରାଣ ହରକତ ହେଉଛନ୍ତି । ଅସଲରେ ଏହି ପ୍ରକଳ୍ପଟି ଠିକାଦାର ଓ ଯନ୍ତ୍ରୀଙ୍କ ପକେଟ୍ ଗରମ କରିବା ପାଇଁ ନିର୍ମାଣ ହୋଇଥିଲା ବୋଲି ଗଗନ କୁମାର ଧଳ, ସନାତନ ନାୟକ, ବୃନ୍ଦାବନ ବେହେରା, ସୁକୁମାର ଦାସ, ମୃତ୍ୟୁଞ୍ଜୟ ଗିରି, ଗୁଣନିଧି ସାହୁ, ମୁକୁନ୍ଦ ବିହାରୀ ଜେନା, ସୁଦର୍ଶନ ଦାସ ଅଧିକାରୀ, ପ୍ରହ୍ଲାଦ ଚରଣ ଜେନା, ପରମାନନ୍ଦ ପ୍ରସାଦ ଜେନା, ଶିଶିର କୁମାର ହାଜିରା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ବାବଦରେ ବସ୍ତା ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ପାର୍ଥସାରଥୀ ଦାସଙ୍କୁ ପଚାରିବାରୁ ସେ ଘଟଣାର ଯାଂଚ କରିବେ ବୋଲି କହିଛନ୍ତି ।

# ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ଖୋର୍ଦ୍ଧା(ନିପ୍ର): ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁଶୋତମ୍ ଦାସ ଙ୍କ ମିଳିତ ଅଧକ୍ଷତାରେ ଆଜିର ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା କ୍ଷ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା, ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋର୍ଦ୍ଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଅଭିଯୋଗ ଶିବିରକୁ ମୋଟ ୧୦୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୯୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଅଭିଯୋଗ ଶିବିରରେ ୦୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ, ସି ଏସ ଓ, ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଅଧିକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ,ସମସ୍ତ ବି ଡି ଓ, ସମସ୍ତ ତହସିଲଦାର, ଡେପୁଟି କଲେକ୍ଟର, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଖୋରଧା ଙ୍କ ସମେତ ତ୍ରିସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଓ ଗଣ ମାଧମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ପାଣି ଘେରରେ ଥିବା ବ୍ୟକ୍ତିଙ୍କୁ ଶୁଖିଲା ଖାଦ୍ୟ ବଂଟନ



ସିମୁଳିଆ(ନିପ୍ର): ଲଗାଣ ବର୍ଷା ପ୍ରଭାବରେ ସିମୁଳିଆ ୬ରୁ ଉର୍ଦ୍ଧ୍ୱ ପଂଚାୟତ ସମ୍ପୂର୍ଣ୍ଣ ଜଳଘେରରେ ରହିଛି । ସେଥି ମଧ୍ୟରୁ ସିମୁଳିଆ ବ୍ଲକ୍ ଚାଲୁଣିଗାଁ ପଂଚାୟତ ଅଧିନ ଚାଲୁଣୀ ଗାଁ, ବାଇଂଶୀ ବାଟି, ମଙ୍ଗରାଜପୁର, କହ୍ନେଇବାଙ୍କ ଓ ସାଧୁବୀର ଗ୍ରାମ ପାଣି ଘେରରେ ରହିଥିବା ପରିବାର ନିକଟରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପ୍ରତିନିଧି ତଥା ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ, ଯୁବନେତା ଡା. ଅଣୁମାଧବ ପଣ୍ଡା ଆଜି ଉକ୍ତ ଗ୍ରାମକୁ ଯାଇ ବନ୍ୟା ପିଡିତ ଲୋକଙ୍କୁ ଭେଟି ଶୁଖିଲା ଖାଦ୍ୟ ବଂଟନ କରିବା ସହିତ କ୍ଷତିଗ୍ରସ୍ତ ଲୋକ ମାନେ କିପରି ସରକାରୀ ସହାୟତା ପାଇବେ ସେଥିପାଇଁ ପ୍ରସାଶନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା ସହିତ ସେହି ଗ୍ରାମକୁ ଯିବାପାଇଁ କୌଣସି ରାସ୍ତା ନଥିବାରୁ ସାମାନ୍ୟ ବର୍ଷା ହେଲେ ଲୋକ ମାନେ ଜଳବନ୍ଦୀ ହେଇ ରହୁଛନ୍ତି । ସେଥିପାଇଁ ତୁରନ୍ତ ରାସ୍ତା ବ୍ୟବସ୍ଥା କରାଇବେ ବୋଲି ଯୁବନେତା ଶ୍ରୀ ପଣ୍ଡା ପ୍ରତିଶୃତି ଦେଇଛନ୍ତି । ଜିଲ୍ଲା ମହିଳା ଉପସଭାପତି ଭାରତୀ ମଲ୍ଲିକ, ସରପଂଚ ମମତା ନାୟକ, ରାମ ଗୋବିନ୍ଦ ନାୟକ ଓ ସତ୍ୟ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ ଆର୍‌ଟିଓ ଅଧିକାରୀ

କଟକ(ନିପ୍ର): ସୁନ୍ଦରଗଡ଼ର ଟ୍ରାଫିକ୍ ଇନ୍ସପେକ୍ଟର ମୁକେଶ କୁମାର ମିଶ୍ର, ଜଣେ ଟ୍ରକ୍ ମାଲିକଙ୍କ ଠାରୁ ୨୦,୦୦୦ ଟଙ୍କା ଲାଂଚ ଦାବି କରୁଥିବା ଏବଂ ତାଙ୍କ ଦୁଇଟି ହାଇବା ଟ୍ରକ୍ କୁ ଗତ ଦୁଇ ମାସ ଅର୍ଥାତ୍ ଜୁନ୍ ଏବଂ ଜୁଲାଇ, ୨୦୨୬ ମାସ ପାଇଁ ମାସିକ କୋଟା ଭାବରେ କୌଣସି ବାଧା ବିନା ତାଙ୍କ ପରିବହନ ବ୍ୟବସାୟକୁ ପରିଚାଳନା କରିବାକୁ ଦେବା କାରଣରୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ଅଭିଯୁକ୍ତ ଟ୍ରାଫିକ୍ ଇନ୍ସପେକ୍ଟର ଶ୍ରୀ ମିଶ୍ର ତାଙ୍କ ଅଧିକାର କ୍ଷେତ୍ରରେ ତାଙ୍କର ପରିବହନ ବ୍ୟବସାୟକୁ ସୁଗମ ଭାବରେ କରିବାକୁ ଟ୍ରକ୍ ମାଲିକଙ୍କଠାରୁ ୨୦,୦୦୦ ଟଙ୍କା ଲାଂଚ ଦାବି କରିଥିଲେ । ଦାବି ପୂରଣ କରିବାରେ ଅସମର୍ଥ ହୋଇ, ଟ୍ରକ୍ ମାଲିକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ରିପୋର୍ଟ କରିଥିଲେ । ସୂଚନା ପାଇ ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଟ୍ରାଫିକ୍ ଇନ୍ସପେକ୍ଟର ଶ୍ରୀ ମିଶ୍ରଙ୍କୁ ଗିରଫ କରିଛି । ଅଭିଯୁକ୍ତ ଶ୍ରୀ ମିଶ୍ରଙ୍କ ଠାରୁ ୨୦,୦୦୦ ଟଙ୍କା ଲାଂଚ ନେଉଥିବା ବେଳେ ସମସ୍ତ ଲାଂଚ ଟଙ୍କା ୨୦,୦୦୦ ଟଙ୍କା ଜବତ କରାଯାଇଛି । ଡିଏ ଦୃଷ୍ଟିକୋଣରୁ ଟ୍ରାଫିକ୍ ଇନ୍ସପେକ୍ଟର ଶ୍ରୀ ମିଶ୍ରଙ୍କ ସହ ଜଡିତ ତିନୋଟି ସ୍ଥାନରେ ଏକକାଳୀନ ସନ୍ଧାନ ଚାଲିଛି । ଏହି ସମ୍ପର୍କରେ, ରାଉରକେଲା ଭିଜିଲାନ୍ସ ପି.ଏସ୍. ମାମଲା ନଂ. ୦୬ ତାରିଖ. ୦୨.୦୮.୨୦୨୬, ୟୁ/ଏସ୍. ୭ ପି.ସି. (ସଂଶୋଧନ) ଆଇନ, ୨୦୧୮ ପଞ୍ଜିକୃତ ହୋଇଛି । ଅଭିଯୁକ୍ତ ଶ୍ରୀ ମିଶ୍ରଙ୍କ ବିରୁଦ୍ଧରେ ତଦନ୍ତ ଜାରି ରହିଛି ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର: ୧୩୯ଟି ଅଭିଯୋଗ ଗ୍ରହଣ




ନୂଆପଡ଼ା(ନିପ୍ର): ନୂଆପଡ଼ା ସଦର ମହକୁମା ସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଳ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୧୩୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୧୧୯ଟି ବ୍ୟକ୍ତିଗତ, ୧୯ଟି ସାମୂହିକ ଏବଂ ୧ଟି ରେଡ୍ କ୍ରସ ସମ୍ବନ୍ଧୀୟ ଆବେଦନ ରହିଥିଲା । ଶିବିରରେ ପଞ୍ଜିକୃତ ସମସ୍ତ ଅଭିଯୋଗର ଗୁରୁତ୍ୱର ସହ ଶୁଣାଣି କରି ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ସେ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ସେହିପରି ରେଡ୍ କ୍ରସ ପାଣ୍ଠିରୁ କୁରୁମପୁରୀ ଗ୍ରାମର ବେଲମତୀ ସତନାମୀଙ୍କୁ ତତ୍କାଳୀନ ସହାୟତା ସ୍ୱରୂପ ୫,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

# ଲଗାଣ ବର୍ଷା ଯୋଗୁଁ ୩ ଶହ ପରିବାର କ୍ଷତିଗ୍ରସ୍ତ

ସିମୁଳିଆ(ନିପ୍ର): ଜଳବନ୍ଦୀ ଘେରରେ ରହିବା ସହ ୩ଶହ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ୫୦ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ନଷ୍ଟ ହେବାକୁ ବସିଛି । ଅଂଚଳର ବହୁ ମହିଳା ଓ ପୁରୁଷ ଗୁରୁବାର ଦିନ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସିଥିଲେ । ତେବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ତୁରନ୍ତ ଘଟଣାର ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇ ଥିଲେ । ତହସିଲଦାର ଶ୍ରୀ ମହାପାତ୍ର କ୍ଷତିଗ୍ରସ୍ତ ସ୍ଥଳକୁ ଯାଇ ସମାଧାନ କରିବା ନିମନ୍ତେ ଧାରଣାକାରିଙ୍କୁ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ପ୍ରଶାସନ ପକ୍ଷରୁ ପୋଲିସ ଉପସ୍ଥିତରେ ଘଟଣା ସ୍ଥଳରେ ପହଂଚି ପାଣି ନିଷ୍କାସନ ନିମନ୍ତେ ଉଭୟ ପକ୍ଷଙ୍କୁ ବୁଝାସୁଝା କରି ତୁରନ୍ତ କାର୍ଯ୍ୟ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।



# ଡାକ୍ତରୀ ପିଜି ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ଘଟଣାର କ୍ରାଇମ୍ ବ୍ରାଂଚ ତଦନ୍ତ ଦାବି କଲା ମାନବ ଅଧିକାର ସୁରକ୍ଷାମଂଚ

ବ୍ରହ୍ମପୁର(ନି.ପ୍ର.): ଅଲ୍ ଓଡ଼ିଶା ପିଜି ଡାକ୍ତରୀ ପରୀକ୍ଷାରେ କଥିତ ପ୍ରଶ୍ନ ପତ୍ର ଲିକ୍ ଘଟଣାର କ୍ରାଇମ୍ ବ୍ରାଂଚ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଆଦି ଛଅ ଦଫା ଦାବି ନେଇ ଆଜି ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଂଚ ପକ୍ଷରୁ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି କ୍ଷ ପ୍ରକାଶ ଯୋଗ୍ୟ ଯେ, ଅଲ୍ ଓଡ଼ିଶା ପିଜି ଡାକ୍ତରୀ ପରୀକ୍ଷାରେ କଥିତ ପ୍ରଶ୍ନ ପତ୍ର ଲିକ୍ ଘଟଣା ସମଗ୍ର ରାଜ୍ୟରେ ଗଭୀର ଚିନ୍ତା ଓ ଆଶଙ୍କା ସୃଷ୍ଟି କରିଛି । ପିଜି ଡାକ୍ତରୀ ପରୀକ୍ଷା ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ସିଧାସଳଖ ସମ୍ପର୍କିତ । ଏହି ପରୀକ୍ଷାରେ ସଫଳ ହେଉଥିବା ଡାକ୍ତରମାନେ ଭବିଷ୍ୟତରେ ବିଭିନ୍ନ ବିଶେଷଜ୍ଞ ବିଭାଗରେ ସେବା ପ୍ରଦାନ କରିବେ । ଏହି ପରୀକ୍ଷାର ସ୍ୱଚ୍ଛତା, ନିରପେକ୍ଷତା ଓ ବିଶ୍ୱସନୀୟତା କୌଣସି ପରିସ୍ଥିତିରେ କ୍ଷୁଣ୍ଣ ହେବା ଉଚିତ ନୁହେଁ ବୋଲି ମଂଚ ଆବାହକ ଅବନୀ ଗୟା ଯୁକ୍ତି ବାଢ଼ିଛନ୍ତି କ୍ଷ ଯଦି ହ୍ୱାଟସ୍ ?ଆପ୍ କିମ୍ବା ଅନ୍ୟ କୌଣସି ଇଲେକ୍ଟ୍ରୋନିକ୍ ଗେଜେଟ ମାଧ୍ୟମରେ ପ୍ରଶ୍ନପତ୍ର ପ୍ରସାରିତ ହୋଇଥିବା ଜଣାପଡିଛି, ତେବେ ଏହା ଏକ ଅତ୍ୟନ୍ତ ଗୁରୁତର ବିଷୟ । ଏପରି ଘଟଣା ପରିଶ୍ରମୀ ପରୀକ୍ଷାର୍ଥୀଙ୍କ ପ୍ରତି ଅନ୍ୟାୟ ହେବା ସହ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ମଧ୍ୟ ଦୀର୍ଘମିଆଦୀ ପ୍ରଭାବ ପକାଇବାର ଆଶଙ୍କା ରହିଛି କ୍ଷ ମାନବ ଅଧିକାର ସୁରକ୍ଷା ମଂଚ ପକ୍ଷରୁ ଛଅ ଗୋଟି ଦାବି ଉଲ୍ଲେଖ ଥିବା ସ୍ମାରକ ପତ୍ରରେ କଥିତ ପେପର ଲିକ୍ ଘଟଣାର ତଦନ୍ତ କ୍ରାଇମବ୍ରାଂଚ ସାଇବର ସେଲ୍ ଦ୍ୱାରା କରାଯିବା, ପ୍ରଶ୍ନପତ୍ର ସୁରକ୍ଷା ଓ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ, ପରୀକ୍ଷାର ସ୍ୱଚ୍ଛତା, ପରୀକ୍ଷା ପରିଦର୍ଶକ, ପରୀକ୍ଷା କେନ୍ଦ୍ରର ସୁରକ୍ଷା ବ୍ୟବସ୍ଥା ଏବଂ ପରୀକ୍ଷାର୍ଥୀମାନେ ମୋବାଇଲ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ପରୀକ୍ଷା କେନ୍ଦ୍ରକୁ ନେଇଥିଲେ କି ନାହିଁ ତାହାର ସମ୍ପୂର୍ଣ୍ଣ ତଦନ୍ତ କରାଯିବା, ତଦନ୍ତରେ ଯେଉଁମାନଙ୍କ ସମ୍ପୃକ୍ତତା ରହିଛି, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଫୌଜଦାରୀ ମାମଲା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା, ଆସନ୍ତା ବର୍ଷଠାରୁ ଏମ୍ ?କେସିଜି ମେଡିକାଲ କଲେଜର ପିଜି ପରୀକ୍ଷା କେନ୍ଦ୍ରକୁ ବ୍ରହ୍ମପୁରର ଅନ୍ୟ କୌଣସି ଉପଯୁକ୍ତ କଲେଜରେ ସ୍ଥାନାନ୍ତର କରାଯିବା ଯାହାଦ୍ୱାରା ପରୀକ୍ଷାର ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ ହୋଇପାରିବ କ୍ଷ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯିବା ସହ ମୋବାଇଲ ଫୋନ୍ ଏବଂ ଅନ୍ୟ ଇଲେକ୍ଟ୍ରୋନିକ୍ ଗେଜେଟ ପରୀକ୍ଷା କେନ୍ଦ୍ରକୁ ନେବା ଉପରେ କଡ଼ାକଡ଼ି କଟକଣା ଲାଗୁ କରାଯିବା ଓ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସୁରକ୍ଷିତ ଓ ପ୍ରଯୁକ୍ତି ନିର୍ଭର କରାଯିବାକୁ ମଂଚ ଦୃଢ଼ ଦାବୀ କରିଛି କ୍ଷ ମଂଚ ଆବାହକ ଶ୍ରୀ ଗୟାଙ୍କ ସମେତ ବରିଷ୍ଠ ସାମ୍ବାଦିକ ତଥା କଂଗ୍ରେସ ର ରବି ରଥ, ମଂଚ ସମ୍ପାଦକ ଆ.ସତ୍ୟ ନାରାୟଣ ରାଓ,ଯୁବ ନେତା ମନୋଜ କୁମାର ତରାଇ, ମହିମା ର ସମ୍ପାଦକ ଶିବ ସୁନ୍ଦର ରଥ, ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ସାହୁ,ଆପ୍ ର ନେତା ଆଦିତ୍ୟ ନାରାୟଣ ରଥ, ମହେଶ୍ୱର ବାଡତ୍ୟା, ଜୟକୃଷ୍ଣ ନାୟକ,ଯୁବ ନେତା କାହ୍ନୁ ଚରଣ ପାତ୍ର, ଶିକ୍ଷକ ସଙ୍ଗଠନର ଶ୍ୟାମ ସୁନ୍ଦର ଖାଡଙ୍ଗା,ସମାଜସେବୀ ଅମିତ୍ ମହାରଣା,ଓମ୍ ପ୍ରକାଶ ଜେନା, ନିହାର ରଞ୍ଜନ ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



# ମାନ୍ୟବର ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ପାଇଁ ବ୍ୟାପକ ପ୍ରସ୍ତୁତି

ବ୍ରହ୍ମପୁର(ନି.ପ୍ର.): ଦେଶର ପ୍ରଥମ ନାଗରିକ ତଥା ଭାରତର ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗଞ୍ଜାମ ଜିଲ୍ଲା ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି । ଏହି ଗସ୍ତ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ସମସ୍ତ ପ୍ରସ୍ତୁତିକୁ ଯୁଦ୍ଧକାଳୀନ ଭିତିରେ ଆଗେଇ ନିଆଯାଉଛି । ବର୍ଷା ସତ୍ତ୍ୱେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦିନରାତି କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ରାଷ୍ଟ୍ରପତିଙ୍କ ଗସ୍ତପଥରେ ସଡ଼କର ମରାମତି, ପରିମଳ ବ୍ୟବସ୍ଥା, ସୌନ୍ଦର୍ଯ୍ୟୀକରଣ, ଆଲୋକୀକରଣ, ହୋର୍ଡିଂ ସ୍ଥାପନ, ସ୍ୱାଗତ ତୋରଣ ନିର୍ମାଣ, ରଙ୍ଗରୋଗଣ ଏବଂ ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ସାଜସଜ୍ଜା କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ତପ୍ତପାଣିଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ସମଗ୍ର ଗସ୍ତପଥରେ ସ୍ୱଚ୍ଛତା, ସବୁଜିମା ବୃଦ୍ଧି, ରାସ୍ତାକଡ଼ର ସୌନ୍ଦର୍ଯ୍ୟୀକରଣ ଏବଂ ପରିବେଶର ଆକର୍ଷଣୀୟତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଥିବା ବେଳେ ପୁଲିସ, ଟ୍ରାଫିକ୍, ସ୍ୱାସ୍ଥ୍ୟ, ଅଗ୍ନିଶମ, ବିଦ୍ୟୁତ, ପାନୀୟ ଜଳ, ପରିମଳ ଓ ଯୋଗାଯୋଗ ବିଭାଗ ସମେତ ସମସ୍ତ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି । ବରିଷ୍ଠ ଅଧିକାରୀମାନେ ନିୟମିତ ଭାବେ ପ୍ରସ୍ତୁତିର ସମୀକ୍ଷା କରୁଥିବାବେଳେ ପ୍ରତ୍ୟେକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ।ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ରାଷ୍ଟ୍ରପତିଙ୍କ ଏହି ଗଞ୍ଜାମ ଗସ୍ତକୁ ଜିଲ୍ଲା ପାଇଁ ଏକ ଐତିହାସିକ ଅବସର ଭାବେ ବିବେଚନା କରାଯାଉଛି । ଏହି ଗସ୍ତ ସଫଳ, ସୁରକ୍ଷିତ ଓ ସ୍ମରଣୀୟ କରିବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତିକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚାଇଛି ।

# ରାଧିକାପୁର-ବେଙ୍ଗାଲୋର ସୁପରଫାଷ୍ଟ ଟ୍ରେନ୍‌ରେ ଲାଗିଲା ନିଆଁ : ଅଳ୍ପକେ ବର୍ତିଲେ ଯାତ୍ରୀ

ଜଳେଶ୍ୱର(ନି.ପ୍ର) : ଆଜି ମଧ୍ୟାହ୍ନରେ ୧୬୨୨୪ ରାଧିକାପୁର-ବେଙ୍ଗାଲୋର ଅପ୍ ସୁପରଫାଷ୍ଟ ଟ୍ରେନ୍‌ରେ ଜଳେଶ୍ୱର ଷ୍ଟେସନ ଠାରେ ନିଆଁ ଲାଗିଥିଲା । ଟ୍ରେନ୍‌ରେ ଥିବା ଏସ୍୩ ବଗିରୁ ଧୂଆଁ ବାହାରୁଥିବା ଦେଖି ଯାତ୍ରୀମାନେ ପାଟି କରିଥିଲେ ଗାର୍ଡକୁ ଜଣାଇଥିଲେ । ଟ୍ରେନ୍‌ଟି ଜଳେଶ୍ୱରରେ ଅଟକିବାକୁ ନଥିବା ବେଳେ ଡ୍ରାଇଭର ଅଟକାଇଥିଲେ । ଏସ୍-୩ ବଗିର ବେକ୍ ନିକଟରୁ ଧୂଆଁ ବାହାରୁଥିବା ବେଳେ ଘଟଣାସ୍ଥଳରେ ଷ୍ଟେସନ କର୍ମଚାରୀ, ଜିଆର୍‌ପି, ଆର୍‌ପିଏଫ ପହ□ ନିୟନ୍ତ୍ରଣକୁ ନେଇଥିଲେ । ପ୍ରାୟ ୨୦ ମିନିଟ ପରେ ଦିବା୧୧.୨୦ ରେ ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳରେ ଯାତ୍ରା କରିଥିଲା ।

# ନକଟିକାନୀ ପଂଚାୟତରେ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ପକ୍ଷରୁ ସହାୟତା: ୫୧୭ ଜଣଙ୍କୁ ଛତା ଓ ଚପଲ ବଂଟନ

ଗୋଲାମୁଣ୍ଡା,(ନି.ପ୍ର.) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ନକଟିକାନୀ ଗ୍ରାମ ପଂଚାୟତରେ ଏକ ମହତ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସଂଗଠନ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ତରଫରୁ ଅଂଚଳର ଗରିବ ବୃଦ୍ଧ ବୃଦ୍ଧା, ବିଧବା ମାଁ,ଦିବ୍ୟାଙ୍ଗ ଏବଂ ଅସହାୟ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ସମୁଦାୟ ୫୧୭ ଜଣ ହିତାଧିକାରୀଙ୍କୁ ସଂଗଠନ ପକ୍ଷରୁ ଛତା ଓ ଚପଲ ବ[ନ କରାଯାଇଛି ।ଏହି ବିତରଣ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଗରିବ ଓ ଅସହାୟ ଲୋକଙ୍କ ସେବା କରିବା ସଂଗଠନର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ ।ଏହି



କାର୍ଯ୍ୟକ୍ରମକୁ ସଫଳ କରିବାରେ ବଳମତ ତାଣ୍ଡି, ରାଜେଶ ଦୁର୍ଗା, ଭୀଷମ ତାଣ୍ଡି, ଦୁର୍ଯ୍ୟୋଧନ ସୁନାନୀ, ସୁଶ୍ରୀ ସାବିତ୍ରୀ ମାଝୀ, ପରମା ମହାନନ୍ଦ, ଦିବାକର ତାଣ୍ଡି, ଜୁନସ ତାଣ୍ଡି, ପ୍ରସନ୍ନ ହଂସ, ଜୟନ୍ତ ସିଂ, ଜୟକୃଷ୍ଣ ସାହୁ ଏବଂ ମନୋଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।ଏଥିସହିତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ତଥା ସାମ୍ବାଦିକ ଆଶୁତୋଷ ରାଉତ, ସୁଶାନ୍ତ ଦଳେଇ, ମହେନ୍ଦ୍ର ମଙ୍ଗରାଜ, ଯତୀନ୍ଦ୍ର ସେନାପତି, ପି[ୁ ମେହେର, ଗଣେଶ ସାହୁ ଏବଂ ଅଶୋକ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥାଇ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଫାଉଣ୍ଡେସନର ଏଭଳି ଜନହିତକର କାର୍ଯ୍ୟକୁ ନକଟିକାନୀ ଅଂଚଳର ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଉଚ୍ଚ ପ୍ରଶଂସା କରିଛନ୍ତି ।

# ପାଚିକା ଓ ସହାୟିକାଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର

ବୋରିଗୁମ୍ମା(ନି.ପ୍ର.) ବୋରିଗୁମ୍ମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପାଚିକା ଓ ସହାୟିକା ଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା ।ପ୍ରଧାନମନ୍ତ୍ରୀ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଆନୁକୂଲ୍ୟରେ ଆୟୋଜିତ ପାଚିକା-ସହାୟିକା ମାନଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିବା



ବେଳେ ସମ୍ମାନିତ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୋ ?ରୀ ଶଙ୍କର ସାମନ୍ତରାୟ ଯୋଗ ଦେଇଥିଲେ ।ବ୍ଲକ ର ୨୩୮ ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୯୪ ଜଣ ପାଚିକା ଓ ସହାୟିକା ଖାଦ୍ୟ ନିରାପତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଶିକ୍ଷଣ ନେଇଥିଲେ ।ପ୍ରଶିକ୍ଷକ ଭାବେ ଶିକ୍ଷକ ଲବ ପେଂଠିଆ, ଆଶିଷ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଉମା ଶଙ୍କରୀ ଆଚାର୍ଯ୍ୟ ଯୋଗ ଦେଇ ପାଚିକା ଓ ସହାୟିକା ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଶେଷ ଦିନରେ ପ୍ରଶିକ୍ଷଣ ନେଇଥିବା ସମସ୍ତ ପାଚିକା ଓ ସହାୟିକା ମାନଙ୍କୁ ଏବିଇଓ ସୁବାସ ଚନ୍ଦ୍ର ମାଝୀ ପ୍ରମାଣ ପତ୍ର ପ୍ରଦାନ କରିଥିଲେ ।ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ର ଏମଡିଏମ ଡାଟା ଏ[ ସ୍ୱାଗତିକା ସାହ୍ନା ପରିଚାଳନା କରିଥିବା ବେଳେ ଶିକ୍ଷକ ମିଳନ କୁମାର ଦାସ,ରାଜେଶ କୁମାର ନାୟକ ସହଯୋଗ କରିଥିଲେ ।

# ଘାଟମାଲ ପଂଚାୟତର ୩ଟି ଗାଁରେ ବନ୍ୟା ବିପନ୍ନ ୧୦୫ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ କଲା କଂଗ୍ରେସ ସେବା ଦଳ

ନୂଆପଡ଼ା, (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଘାଟମାଲ ପଂଚାୟତର ତିନୋଟି ଗ୍ରାମ— ନଙ୍ଗଲଘାଟ, ଚିତାରମା ଓ ଝୋଲାପଡ଼ା ବନ୍ୟା ଜଳଘେରାରେ ରହି ସମ୍ପୂର୍ଣ୍ଣ ଜଳବନ୍ଦୀ ??ଇପଡ଼ିଥିଲେ । ଲୋକମାନେ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ନାହିଁ ନଥିବା କଷ୍ଟ ଭୋଗୁଥିବା ବେଳେ କଂଗ୍ରେସ ସେବା ଦଳ ସହାୟତାର ହାତ ବଢ଼ାଇଛି । ଖଡ଼ିଆଳର କଂଗ୍ରେସ ନେତା କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ କଂଗ୍ରେସ ସେବା ଦଳର କର୍ମକର୍ତାମାନେ ବିପଦପୂର୍ଣ୍ଣ ବନ୍ୟା ଜଳକୁ ଖାତିର




ନକରି ପ୍ରଭାବିତ ଗାଁଗୁଡ଼ିକରେ ପହଂଚିଥିଲେ । ସେଠାରେ ରହୁଥିବା ୧୦୫ଟି ବନ୍ୟା ପୀଡ଼ିତ ପରିବାରଙ୍କୁ ଆବଶ୍ୟକୀୟ ଖାଦ୍ୟ ଓ ରାସନ ସାମଗ୍ରୀ ବ[ନ କରାଯାଇଛି । ସେବା ଦଳର ଏହି ମାନବୀୟ କାର୍ଯ୍ୟକୁ ଅଂଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି ।

# ମରଣାନ୍ତକ ଆକ୍ରମଣକୁ ୩୦ ଦିନ ପରେ ମଧ୍ୟ ପୋଲିସ ର ହାତ ଖାଲି

ଜଳେଶ୍ୱର (ନି.ପ୍ର ) ରାଇବାଣିଆ ଥାନା ଅନ୍ତର୍ଗତ ରାଇବାଣିଆ ଗ୍ରାମର ସଞ୍ଜୟ କୁମାର ଘୋଡେଇ ଙ୍କ ପିଲା ଓ ପୋଡ଼ଶୀ ରାମଚନ୍ଦ୍ର ପରିଡ଼ାଙ୍କ ନାବାଳକ ପିଲାଙ୍କ ମଧ୍ୟରେ କୌଣସି କାରଣରୁ ଜୁନ ୨୫ ତାରିଖ ଅପରାହ୍ନ ସମୟରେ ଉଭୟ ପିଲାମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ।ପରବର୍ତୀ ମୁହୂର୍ତରେ ଏହା ଏକ ପିଲାଙ୍କର କଳି ବୋଲି ଉଭୟ ପରିବାରଙ୍କ ମଧ୍ୟରେ ଆପସ ସମାଧାନ ହୋଇ ଯାଇଥିଲା ।କିନ୍ତୁ ସେହି ଦିନ ରାତ୍ରି ପ୍ରାୟ ୧୦ଘଟିକା ସମୟରେ ପୂର୍ଣ୍ଣିମା ପରିଡ଼ା ଓ ତାଙ୍କ ସ୍ୱାମୀ ରାମଚନ୍ଦ୍ର ପରିଡ଼ା ଉଭୟ ମିଶି ପୋଡ଼ଶୀ ସଞ୍ଜୟ କୁମାର ଘୋଡେଇଙ୍କ ପତ୍ନୀ ଟିକି ଘୋଡେଇଙ୍କ ଘରକୁ ଆସି ଅସାଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ତାଙ୍କର ନୀଚ ଜାତିକୁ ତାଚ୍ଛଲ୍ୟ କରି କହିବା ସହିତ ତାଙ୍କ ମୁଣ୍ଡ ଗୁଛାକୁ ଧରି ଘୋଷାଡିବା ସହିତ ତାଙ୍କୁ ଉଲଙ୍ଗ କରିବାକୁ ପଛାଇ ନଥିଲେ । ଯାହାକୁ ନେଇ ପିଡିତା ଟିକି ଘୋଡେଇ ନ୍ୟାୟ ପାଇଁ ରାଇବାଣିଆ ଥାନାର ଦ୍ୱାରସ୍ତ ହୋଇଥିଲେ ।ଘଟଣାକୁ ୩୦ ଦିନ ବିତିଯାଇଥିଲେ ମଧ୍ୟ ରାଇବାଣିଆ ପୋଲିସ କେବଳ କେସ ୧୦୪ ରେ ଏକ ମାମଲା ରୁଜୁ କରି ଉଭୟ ପୂର୍ଣ୍ଣିମା ଓ ତାଙ୍କ ସ୍ୱାମୀ ରାମଚନ୍ଦ୍ର ବିରୋଧରେ ୯ ଗୋଟି ଦଫା ଦାୟର କରି ଚୁପ ବସିଛନ୍ତି ।ବୋଲି ସାମ୍ବାଦିକ ସମ୍ମିଳନୀ କରି ପିଡିତା ଟିକି ଘୋଡେଇ ପୋଲିସର କାର୍ଯ୍ୟଦକ୍ଷତାନେଇ କ୍ଷୋଭ ପ୍ରକାଶ କରିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି । ଠିକ ସେହିପରି ମାର୍ଚ୍ଚ ୨୩ ତାରିଖରେ ରାଇବାଣିଆ ଗ୍ରାମ ପଂଚାୟତର କବାଟଘାଟି ଗ୍ରାମର କୁନାରାମ ମୁର୍ମୁଙ୍କୁ ଆକ୍ରମଣ ଘଟଣାରେ ଦୋଷୀ ମାନଙ୍କୁ ଖୁବଶୀଘ୍ର ଗିରଫ କରିବାକୁ କୁନାରାମ ମୁର୍ମୁ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ।ଏ ନେଇଆମେ ରାଇବାଣିଆ ଥାନା ଆଇ ଆଇ ସି ଚମ୍ପାବତୀ ସୋରେନ ସହିତ ଯୋଗାଯୋଗ କଲାରୁ ସେ କହିଥିଲେ କି ଏ ନେଇ ଆମେ ତତ୍ପର ରହିଛୁ ସେମାନଙ୍କ ନାମରେ ମାମଲା ରୁଜୁ କରାଯିବ ସହିତ ଗିରଫ ପାଇଁ ଉଦ୍ୟମ ଜାରି ରହିଛି ।

# ଦେଶୀ ଓ ବିଦେଶୀ ମଦ ସହିତ ମୋଟର ସାଇକେଲ ଜବତ, ୦୩ ଗିରଫ

ବାଲେଶ୍ୱର (ନି.ପ୍ର.)ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ଅନ୍ତରା ବଜାର, ନୂଆ ବଜାର ଓ ବାରାପୁର ଗ୍ରାମ ନିକଟରେ ଚଢ଼ାଉ କରାଯାଇ ୧୧୫ ଲିଟର ଦେଶୀ ମଦ ଓ ୪.୫୦୦ ଲିଟର ବିଦେଶୀ ମଦ ସହିତ ଗୋଟିଏ ମୋଟର ସାଇକେଲ ଜବତ କରାଯିବା ସହିତ ମହତିପୁର ଗ୍ରାମର ରାମଚନ୍ଦ୍ର ସେଠୀ, ନୂଆ ଗ୍ରାମର ଗୌତମ ଜେନା ଓ ବାରାପୁର ଗ୍ରାମର ଜିତେନ୍ଦ୍ର ଦାଶ ଙ୍କୁ ଗିରଫ କରାଯାଇ କୋର୍ଟ



ଚାଲାଣ କରାଯାଇଛି । ଜବତ ହୋଇଥିବା ମଦ ଓ ବାଇକର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୩ ଗୋଟି ମାମଲା ରୁଜୁ କରାଯାଇଛି ।

# ଚାଷୀଙ୍କ ଜଳସେଚନ ଦାବି: ଖଡ଼ିଆଳ ଏଲ୍ ଓ ଅଫିସ ଘେରାଉ

ନୂଆପଡ଼ା(ନି.ପ୍ର): ନୂଆପଡ଼ା ଜିଲ୍ଲାରେ ଦୀର୍ଘଦିନର କୋପ ଓ ଅସନ୍ତୋଷ ଶେଷରେ ଉଗ୍ର ରୂପ ନେଇଛି । ଖଡ଼ିଆଳ ଓ କୋମନା ବ୍ଲକର ଅଣଜଳସେଚିତ ଅଂଚଳରେ ଚାଷୀମାନେ ପାଣି ଓ ଜଳସେଚନର ସୁବିଧାରୁ ବଂଚିତ ହେଉଥିବା ଅଭିଯୋଗ କରି ସୋମବାର ଶତାଧିକ କୃଷକ ରାଜରାସ୍ତାକୁ ଓହ୍ଲାଇଛନ୍ତି । 'ଅଣଜଳସେଚିତ ଅଂଚଳ କ୍ରିୟାନୁଷ୍ଠାନ କମିଟି'ର ଆହ୍ୱାନକ୍ରମେ ଖଡ଼ିଆଳ ସ୍ଥିତ ବୃହତ ଉଠାଜଳସେଚନ ପ୍ରକଳ୍ପ ବିଭାଜନ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

## କାର୍ଯ୍ୟାଳୟ ସମ୍ମୁଖରେ ଉତେଜନା ଓ ଦାବିପତ୍ର ପ୍ରଦାନ

ଖଡ଼ିଆଳ ଓ କୋମନା ବ୍ଲକର ସଂଗଠିତ କୃଷକମାନେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ବସି ରହି ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ । ଦୀର୍ଘ ଦିନ ହେଲା ସରକାର ଓ ବିଭାଗୀୟ ଅଧିକାରୀମାନେ ଚାଷୀଙ୍କ ସମସ୍ୟାକୁ ସମ୍ପୂର୍ଣ୍ଣ ଅଣଦେଖା କରିଆସୁଥିବା ସେମାନେ ଅଭିଯୋଗ କରିଛନ୍ତି । ଧାରଣାସ୍ଥଳରୁ ଚାଷୀ ନେତାମାନେ ଭୁବନେଶ୍ୱରସ୍ଥିତ ବୃହତ ଉଠାଜଳସେଚନ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଡ଼ିଆଳ ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ଏକ ସ୍ମାରକପତ୍ର/ଦାବିପତ୍ର ହସ୍ତାନ୍ତର କରିଛନ୍ତି ।

## ଆନ୍ଦୋଳନ ତୀବ୍ରତର ହେବା ନେଇ ଚେତାବନୀ

ଚାଷୀ ନେତାମାନେ ଚେତାବନୀ ଦେଇ କହିଛନ୍ତି, 'ଦୀର୍ଘଦିନ ହେଲା ଆମେ ଆମର ହକ୍ ପାଇଁ ଦାବି କରିଆସୁଛୁ, କିନ୍ତୁ ପ୍ରଶାସନ ନିଦ୍ରାବୃତ ହୋଇ ରହିଛି । ଯଦି ଆମର ଏହି ନ୍ୟାଯ୍ୟ ଦାବିଗୁଡ଼ିକୁ ଶୀଘ୍ର ପୂରଣ କରାନଯାଏ, ତେବେ ଆଗାମୀ ଦିନରେ ଅଣଜଳସେଚିତ ଅଂଚଳ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଜିଲ୍ଲାବ୍ୟାପୀ ଓ ଅଧିକ ତୀବ୍ରତର କରିବାକୁ ବାଧ ହେବ ।'ଏହି ଗଣଧାରଣାରେ ଅଣଜଳସେଚିତ ଅଂଚଳ କ୍ରିୟାନୁଷ୍ଠାନ କମିଟିର ସଭାପତି ଜଗତ ରାମ ଶବର, ସାଧାରଣ ସମ୍ପାଦକ ଡ. ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଉପଦେଷ୍ଟା ରାଜେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ସମେତ ଅମରେଶ ପଟ୍ଟନାୟକ, ପ୍ରଦୀପ ତ୍ରିବେଦୀ, ଗୌତମ ମୁଣ୍ଡ, ଡଗ୍ରେଶ୍ୱର ବାଗ, କୁଳମଣି ନାଏକ, ପରମାନନ୍ଦ ଭୋଇ, ଦେବରାଜ ମହାପାତ୍ର, କୃଷ୍ଣରାଜ ମହାପାତ୍ର, ମହନ ଭୋଇ, କ୍ଷମରାଜ ମହାପାତ୍ର, ରବି ମାଝୀ, ଦୁର୍ବଳ ଅଦା, ସୀତାରାମ ଭୋଇ, ତ୍ରିନାଥ ସତନାମି, ଅମୂଲ୍ୟ ମୁଣ୍ଡ, ପରେଶ ହେର୍ଣା, ମନୋଜ ଭୋଇ, ମେଘନାଦ ନିଆଲ, ଦେବାର୍ଚ୍ଚନ ସତନାମି ଓ ରମେଶ ଭୋଇଙ୍କ ସମେତ ଉଭୟ ବ୍ଲକର ଶତାଧିକ କୃଷକ ସାମିଲ ଥିଲେ ।

# ସୋର ସ୍ୱର୍ଣ୍ଣକାର ବଣିକ ସଂଘର ସଭାପତିଙ୍କ ବିୟୋଗ

ସୋର,(ନି.ପ୍ର.) ସୋର ପୌରପାଳିକା ଅନ୍ତର୍ଗତ ୧୮ ନମ୍ବର ୱାର୍ଡର ଚକବାରାହାପୁର୍ ଗ୍ରାମ ନିବାସୀ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କର (ମାଧ) ହୃଦଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ତାଙ୍କ ମୃତ୍ୟୁ ଖବର ପାଇ ସୋର ଅଂଚଳର ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ଘରେ ପହଂଚି ଶେଷ ଦର୍ଶନ କରିଥିଲେ । ସୋର ବିଧାୟକ ମାଧବ ଧଡା, ପାରିଷଦ ରାଜେନ୍ଦ୍ର କୁମାର ମହାନ୍ତି, ନିଶାକର ମହାନ୍ତି, ମହେଶ ବେହେରା, ଗୌରାଙ୍ଗ ତ୍ରିପାଠୀ ଓ ବିଜେଡିର ନଗର ସଭାପତି ସୁକାନ୍ତ ମିଶ୍ର ପ୍ରମୁଖ ତାଙ୍କର ଅନ୍ତିମଦର୍ଶନ କରିଥିଲେ । ପରେ ସୋର ନୀଳାଚଳ ସାରସ୍ୱତ ସଙ୍ଘ ଆସନ ମନ୍ଦିରକୁ ନିଆଯାଇଥିଲା । ସୋର ଶାଖା ତରଫରୁ ଅନନ୍ତ ଚନ୍ଦ୍ର ପାତ୍ର, ରାଧାକୃଷ୍ଣ ମହାପାତ୍ର , ବାସୁକୃଷ୍ଣ ମହାପାତ୍ର, ଆନନ୍ଦଭାଇ ପ୍ରମୁଖ ସଙ୍ଘ ଆସନ ମନ୍ଦିରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଣ୍ଣକାର ସଙ୍ଘ ପକ୍ଷରୁ ତାଙ୍କର ଅନ୍ତିମ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ ଜଣେ ଦୟାଳୁ, ଧର୍ମପରାୟଣ, ମିଷ୍ଟଭାଷୀ ସ୍ୱଭାବର ବ୍ୟକ୍ତି ଥିଲେ । ସେ ସୋର ନଗର ବିଜେଡିରେ ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ । ସୋର ସ୍ୱର୍ଣ୍ଣକାର ବଣିକ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ । ଗ୍ରାମବାସୀ, ଶୁଭେଚ୍ଛୁ ଓ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଶୋକାକୋଳ ପରିବେଶରେ ତାଙ୍କର ମରଶରୀରକୁ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ବଡ଼ ପୁଅ ଅଭିଷେକ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ ।

# ଭାରସାମ୍ୟ ହରାଇ ବଜାରରେ ଓଲଟିଲା ଡମ୍ଫର

ସୋର, (ନି.ପ୍ର.) ଆଜି ଅପରାହ୍ନ ୪ ଟା ସମୟରେ ବାଗୁଡ଼ି ଖାଦାନରୁ ଜିଏସପି ଲୋଡ଼ କରି ସୋର ଅଭିମୁଖେ ଯାଉଥିବା ଓଡ଼ି୦୧ଚ୧୭୨୭ ନମ୍ବର ବିଶିଷ୍ଟ ଡମ୍ଫରଟି ଭାରସାମ୍ୟ ହରାଇ ବାଗୁଡ଼ି ବଜାର ଭୋଳ ତେଜରାତି ଦୋକାନ ସାମ୍ନାରେ ଓଲଟି ପଡ଼ିଥିଲା । ଯାହା ଫଳରେ ପାଖରେ ଥିବା ଏକ ଠେଲା ଗାଡ଼ି ସମ୍ପୂର୍ଣ୍ଣ ଭାବେ ଓଲଟି ପଡିଥିଲା । ଫଳରେ କିଛି ସମୟ ପାଇଁ ବାଗୁଡ଼ି ବଜାରରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା । ଉକ୍ତ ଡମ୍ଫର ଡ୍ରାଇଭର ଜଣକ ନିଶାଗ୍ରସ୍ତ ହୋଇ ଗାଡ଼ି ଚଳାଉଥିଲେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଗାଡ଼ି ଓଲଟିବାର ଦୀର୍ଘ ସମୟ ପର୍ଯ୍ୟନ୍ତ ପୋଲିସ ଗାଡ଼ି ଉକ୍ତ ସ୍ଥାନରେ ନ ପହଁଚିବା ଦେଖି ଗାଡ଼ିର ମାଲିକ କୌଣସି ସରକାରୀ ଅଧିକାରୀଙ୍କ ବିନା ଅନୁମତିରେ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜେସିବି ସହାୟତାରେ ଉଠାଇ ନେଇଥିବା ଜଣାଯାଇଛି ।

# ରାସ୍ତା କାର୍ଯ୍ୟ ନହେବାରୁ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଲେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ


ସୋର,(ନି.ପ୍ର.) ସୋର ବ୍ଲକ ମୁଳିସିଂ ଗ୍ରାମ ପଂଚାୟତ ପୋତାଗଡିଆ ଗ୍ରାମର ଗ୍ରାମ୍ୟ ରାସ୍ତା ଅତି ସୋଚନିୟ ହୋଇ ପଡିଥିଲା । ଏ ବାବଦରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଉକ୍ତ ରାସ୍ତାର ନିର୍ମାଣ ପାଇଁ ସାଂସଦ ଅଭିମନ୍ୟୁ ସେଠୀଙ୍କ ପ୍ରଚେଷ୍ଟାରେ ବିଭାଗୀୟ ଅଧିକାରୀଙ୍କୁ ସରକାରଙ୍କ ତରଫରୁ କାର୍ଯ୍ୟାଦେଶ ଆସିଥିଲା । ଉକ୍ତ ରାସ୍ତାକୁ ବର୍ଷା ଦିନ ପୂର୍ବରୁ ଅସ୍ଥାୟୀ ରୂପେ ସ୍କୁଲ ପିଲାଙ୍କ ଯାତାୟାତ ସହ ଗ୍ରାମବାସୀଙ୍କ ଯାଆଆସ ପାଇଁ ନିର୍ମାଣ ସାରିବାକୁ ସାଂସଦଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଲଗାଣ ବର୍ଷା ପ୍ରତିଶ୍ରୁତି ଦେବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଲଗାଣ ବର୍ଷାରେ ଉକ୍ତ ରାସ୍ତା ଅତି ଦୟନୀୟ ଏବଂ ଶୋଚନୀୟ ହୋଇପଡିଛି । ଉପରୋକ୍ତ ଦାବି ଗୁଡ଼ିକ ପୂରଣ ହେଉନଥିବାରୁ ପୋତା ଗଡିଆ ଗ୍ରାମର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଗ୍ରାମବାସୀମାନେ ସୋର ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିଥିଲେ । ଧାରଣା ସ୍ଥଳରେ ବିଭାଗୀୟ ଅଧିକାରୀ ପହଂଚି ଯଥା ଶୀଘ୍ର କାମ ଆରମ୍ଭ ହେବା ନେଇ ପ୍ରତିଶ୍ରୁତି ଦେବାରୁ ଅନଶନ ପ୍ରତ୍ୟାହୃତ ହୋଇଥିଲା ।

# ଜନସାଧାରଣଙ୍କୁ କେବେ ବି ଧୈର୍ଯ୍ୟ ନହରାଇବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ ଏକ୍ସ ପୋଷ୍ଟରେ ଏକ ସୁଭାଷିତ ସେୟାର କରିଛନ୍ତି । ଏହି ସୁଭାଷିତ ଜରିଆରେ ସେ ଲୋକମାନଙ୍କୁ କେବେ ବି ଧୈର୍ଯ୍ୟ ନ ହରାଇବା ପାଇଁ ଆହ୍ୱାନ କରିଛନ୍ତି । ଏହି ସୁଭାଷିତ ହେଉଛି- ତ୍ୟାଜ୍ୟଂ ନ ଧୈର୍ଯ୍ୟ ବିଧୁରେପି ଦୈବେ ଧୈର୍ଯ୍ୟାତ୍କଦାଚିସ୍ଥିତିମାପ୍ନୁୟାସଃ । ଯାତେ ସବୁଦ୍ରେପି ଚ ପୋତଭଙ୍ଗେ ସାଂଯାନ୍ତ୍ରିକୋ ବାଛତି କର୍ମ ଏବ । ଏହି ପ୍ରସିଦ୍ଧ ପଦଟି ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥ ପଂଚତନ୍ତ୍ରରୁ ନିଆଯାଇଛି । ସୁଭାସିତର ଏକ୍ସ ପୋଷ୍ଟ ବ୍ୟାଖ୍ୟାଟି ଏହି ପ୍ରକାରର- ଭାଗ୍ୟ ତାଙ୍କ ବିରୁଦ୍ଧରେ ଥିବାବେଳେ ମଧ୍ୟ ଜଣେ ବ୍ୟକ୍ତି ଧୈର୍ଯ୍ୟ ହରାଇବା ଉଚିତ୍ ନୁହେଁ, କାରଣ ଧୈର୍ଯ୍ୟ ସହିତ ସେ ସର୍ବଦା ନିଜର ହଜିଯାଇଥିବା ଅନୁକୂଳ ସ୍ଥିତିକୁ ଫେରି ପାଇପାରିବେ । ସମୁଦ୍ର ମଝିରେ ଏକ ଜାହାଜ ଭାଙ୍ଗିବା ପରି, ଜଣେ ଦକ୍ଷ ନାବିକ କେବଳ ନିଜର କର୍ମ, ଅର୍ଥାତ୍ ବଂଚିବାର ଏବଂ ସନ୍ତରଣ କରିବାର ପ୍ରୟାସ ଚାହାଁନ୍ତି, ଏବଂ ହାର ମାନନ୍ତି ନାହିଁ ।

# ଆସନ୍ତା ୮ ତାରିଖ ଯାଏ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର : କିଛି ଦିନ ହେବ ରାଜ୍ୟରେ ବର୍ଷାର ପରିମାଣ କମିଯାଇଛି । ଲଗାଣ ବର୍ଷାରୁ ଆଶ୍ୱସ୍ତି ପାଇଛନ୍ତି ଚାଷୀ । ଦୁଇଦିନ ହେବ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ତେବେ ସୋମବାରଠାରୁ ବର୍ଷା ପରିମାଣ ବଢିବା ସହ ୮ ତାରିଖ ଯାଏ ରାଜ୍ୟରେ ଭାରି ବର୍ଷା ହୋଇପାରେ । ସୋମବାର ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ଆଶଙ୍କା ଅଛି । ଉତର ଓଡ଼ିଶା, ଆଭ୍ୟନ୍ତରୀଣ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ବିକ୍ଷିପ୍ତ ସ୍ଥାନରେ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଆଗକୁ ସପ୍ତାହ ଯାଏ ପ୍ରବଳ ବର୍ଷା ଥିବାରୁ ସବୁ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗକୁ ସତର୍କ କରାଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆରସି) । ରାଜ୍ୟରେ ବନ୍ୟା ସ୍ଥିତି ଜାରି ରହିଥିବାବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । କେବଳ ଓଡ଼ିଶା ନୁହେଁ, ଛତିଶଗଡ଼ରେ ବି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ ଦେଇଛି । ୪ରୁ ୮ ତାରିଖ ଛତିଶଗଡ଼ର ବିସ୍ତୃତ ଅଂଚଳରେ ଭୀଷଣ ବର୍ଷା ହୋଇପାରେ । ଉପରମୁଣ୍ଡରେ ଲଗାଣ ବର୍ଷା ହେଲେ ମହାନଦୀ ଜଳସ୍ତର ପୁଣି ବଢ଼ିପାରେ । ଏଥିପାଇଁ ସତର୍କ ରହି ଆଗୁଆ ପ୍ରସ୍ତୁତି କରିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ଏବେ ମୌସୁମୀ ସକ୍ରିୟ ଅଛି । ସୋଆ ଜଳବାୟୁ ଓ ପରିବେଶ କେନ୍ଦ୍ର ନିର୍ଦ୍ଦେଶକ ଡ. ଶରତ ସାହୁ କହିଛନ୍ତି, ୭ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସମ୍ଭାବନା ଅଛି ।



# ଲାଜପତ ଭବନରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦିନ ଲାଜପତ ନଗରର ଲାଜପତ ଭବନରେ ମହାନ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସାମାଜିକ କର୍ମୀ, ଶିକ୍ଷାବିତ୍ ଏବଂ ସାମ୍ବାଦିକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ପ୍ରଥମେ ଲୋକସେବକ ମଣ୍ଡଳର ପ୍ରତିଷ୍ଠାତା ତଥା ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଲାଲା ଲାଜପତ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ସେ ରିମୋଟ୍ ବଟନ୍ ଦବାଇବା ଦ୍ୱାରା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । ଦିଲ୍ଲୀରେ ସ୍ଥାପିତ ଗୋପବନ୍ଧୁ ଦାସଙ୍କ ଏହା ହେଉଛି ପ୍ରଥମ ପ୍ରତିମୂର୍ତ୍ତି । ଗୋପବନ୍ଧୁ ଦାସ ତାଙ୍କର ସମଗ୍ର ଜୀବନ ଗରିବ, ଅବହେଳିତ, ଅନାଥ ଏବଂ ପୀଡ଼ିତ ମାନବତାର ସେବା, ଶିକ୍ଷାର ପ୍ରସାର ଏବଂ ଦେଶକୁ ଜାଗ୍ରତ କରିବା ପାଇଁ ଉତ୍ସର୍ଗ କରିଥିଲେ । ତାଙ୍କର ଅତୁଳନୀୟ ସେବା ପାଇଁ ତାଙ୍କୁ 'ଉତ୍କଳମଣି'(ଓଡ଼ିଶାର ରତ୍ନ) ଉପାଧିରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କୁ ଜାତୀୟ ସଭାପତି ରାଜକୁମାର ଚୋପ୍ରା ଏବଂ ଲୋକସେବକ ମଣ୍ଡଳର ଜାତୀୟ ସଚିବ ରାମନାଥ ଝା ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଡ. ସଂତୃପ୍ତ ମିଶ୍ର ଏବଂ ଅନ୍ୟ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ ବୋଲି ଲୋକସେବକ ମଣ୍ଡଳର ମିଡିଆ ପ୍ରଭାରୀ ରବି ଶଙ୍କର ମିଶ୍ର କହିଛନ୍ତି । ଦୀପକ ମାଲବ୍ୟ ଏବଂ ରାଜେନ୍ଦ୍ର କୁମାର ଜେନା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ସମସ୍ତେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ପୁରୀ ରଥଯାତ୍ରାକୁ ୟୁନେସ୍କୋ ତାଲିକାରେ ସାମିଲ୍ ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ପୁରୀ ରଥଯାତ୍ରାକୁ ୟୁନେସ୍କୋ ତାଲିକାରେ ସାମିଲ୍ କରିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିଠି ଲେଖିଛନ୍ତି । ଚିଠିରେ ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ), ପୁରୀ ଆଧ୍ୟାତ୍ମିକତା, ପାରମ୍ପରିକ କାରିଗରୀ, ସଙ୍ଗୀତ, ନୃତ୍ୟ ଏବଂ ସାମୂହିକ ଜନଅଂଶଗ୍ରହଣର ଏକ ଚିରନ୍ତନ ସଭ୍ୟତାଗତ ପରମ୍ପରାର ପ୍ରତୀକ । ଶତାବ୍ଦୀ ଧରି ପାଳିତ ହୋଇଆସୁଥିବା ଏହି ମହାପର୍ବ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ ଆବଶ୍ୟକ ସହାୟକ ଦସ୍ତାବିଜ ଏବଂ ସମ୍ବନ୍ଧିତ ସାମଗ୍ରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବରୁ ହିଁ ବିଚାରାର୍ଥ ଦାଖଲ କରାଯାଇଛି । ଏହି ମହାପର୍ବର ଅସାଧାରଣ ସାଂସ୍କୃତିକ ମହତ୍ୱ ଏବଂ ସାମ୍ପ୍ରଦାୟିକ ସଦ୍‌ଭାବ ଓ





ପକ୍ଷରୁ ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋର ମାନବଜାତିର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରିବା ପାଇଁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ; ଏହା ଭାରତର ସମୃଦ୍ଧ ସାଂସ୍କୃତିକ ବିବିଧତା, ସର୍ବସମାବେଶୀ ଚେତନା, କରିଆସୁଛି ଏବଂ ଭାରତର ଜୀବନ୍ତ ସାଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ପ୍ରତୀକ ଭାବେ ପରିଚିତ । ୟୁନେସ୍କୋର ଏହି ତାଲିକାରେ ଏହାର ସ୍ଥାନ ପାଇବା ଦ୍ୱାରା ଭାରତର ସମୃଦ୍ଧ ଅମୂର୍ତ୍ତ ସାଂସ୍କୃତିକ ପରମ୍ପରା ବିଶ୍ୱସ୍ତରରେ ଅଧିକ ସ୍ୱୀକୃତି ଲାଭ କରିବା ସହ ଏହାର ସଂରକ୍ଷଣ ଓ ପ୍ରସାରରେ ମଧ୍ୟ ଉଲ୍ଲେଖନୀୟ ସହାୟକ ହେବ । ଏଥିପାଇଁ ସମସ୍ତ ମାନବୀୟ ମୂଲ୍ୟବୋଧର ସାର୍ବଜନୀନ ବାର୍ତ୍ତାକୁ ଦୃଷ୍ଟିରେ ରଖି, ପ୍ରସ୍ତାବଟିର ପରୀକ୍ଷାକୁ ତ୍ୱରାନ୍ୱିତ କରିବା ସହିତ ୟୁନେସ୍କୋ ନିକଟରେ ଏହାର ନାମାଙ୍କନ ପ୍ରକ୍ରିୟାକୁ ଶୀଘ୍ର ଆଗକୁ ବଢ଼ାଇବା ପାଇଁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି ମୁଖ୍ୟମନ୍ତ୍ରୀ ।

# ଦକ୍ଷିଣ ପୂର୍ବ ରେଳପଥ ପଞ୍ଜିକାରକମାନେ ସ୍କ୍ରାପ୍ ନିଷ୍କାସନ କାର୍ଯ୍ୟଦକ୍ଷତା ରେକର୍ଡ଼ କରିଛନ୍ତି

କୋଲକାତା : ଦକ୍ଷିଣ ପୂର୍ବ ରେଳପଥ ଚଳିତ ଆର୍ଥିକ ବର୍ଷରେ ସ୍କ୍ରାପ୍ ନିଷ୍କାସନ କ୍ଷେତ୍ରରେ ଏହାର ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖିଛି ଏବଂ ପ୍ରଥମ ଚାରି ମାସ (ଏପ୍ରିଲ-ଜୁଲାଇ ୨୦୨୬) ମଧ୍ୟରେ ୨୦୧.୨୦ କୋଟିର ରେକର୍ଡ ସ୍କ୍ରାପ୍ ବିକ୍ରୟ ହାସଲ କରିଛି । ଏହା ଯେକୌଣସି ଆର୍ଥିକ ବର୍ଷର ଏପ୍ରିଲ-ଜୁଲାଇ ଅବଧିରେ ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା ହାସଲ କରାଯାଇଥିବା ସର୍ବାଧିକ ସ୍କ୍ରାପ୍ ବିକ୍ରୟ । ସ୍କ୍ରାପ୍ ନିଷ୍କାସନରୁ ଉପାର୍ଜିତ ରାଜସ୍ୱ ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ହାସଲ କରାଯାଇଥିବା ରାଜସ୍ୱ ତୁଳନାରେ ୩୧.୮୫% ଅଧିକ ଏବଂ ଏହି ଅବଧି ପାଇଁ ଆନୁପାତିକ ଲକ୍ଷ୍ୟଠାରୁ ୫୭.୮୦% ଅଧିକ । ଏହି ସଫଳତା ସହିତ, ଦକ୍ଷିଣ ପୂର୍ବ ରେଳପଥ ବର୍ତ୍ତମାନ ସମସ୍ତ ଜୋନାଲ ରେଳପଥ ମଧ୍ୟରେ ସ୍କ୍ରାପ୍ ନିଷ୍କାସନ ରାଜସ୍ୱରେ ଅଗ୍ରଣୀ ରହିଛି ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ୨୨୦୦ କୋଟି ଅତିକ୍ରମ କରିଥିବା ପ୍ରଥମ ଏବଂ ଏକମାତ୍ର ଜୋନାଲ ରେଳପଥ ହୋଇଛି । ଭାରତୀୟ ରେଳବାଇ ପାଇଁ ସ୍କ୍ରାପ୍ ନିଷ୍କାସନ ଏକ ପ୍ରାଥମିକତା କ୍ଷେତ୍ର କାରଣ ଏହା କେବଳ ଯଥେଷ୍ଟ ରାଜସ୍ୱ ସୃଷ୍ଟି କରେ ନାହିଁ ବରଂ ସ୍ୱଚ୍ଛ ରେଳବାଇ ପରିସର, ରେଳ ସମ୍ପତିର ଉତମ ବ୍ୟବହାର ଏବଂ ଉନ୍ନତ କାର୍ଯ୍ୟକ୍ଷମ ଦକ୍ଷତା ସୁନିଶ୍ଚିତ କରି ସରକାରଙ୍କ ସ୍ୱଚ୍ଛତା ଅଭିଯାନକୁ ସମର୍ଥନ କରେ । ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଶ୍ରୀ ଏ. କେ. ଜୈନଙ୍କ ମାର୍ଗଦର୍ଶନରେ ଏହି ଉଲ୍ଲେଖନୀୟ ସଫଳତା ସମ୍ଭବ ହୋଇପାରିଛି, ଯିଏ ଅକ୍ଟୋବର ୨୦୨୬ ସୁଦ୍ଧା ଦକ୍ଷିଣ ପୂର୍ବ ରେଳବାଇରେ 'ଶୂନ୍ୟ ସ୍କ୍ରାପ୍' ହାସଲ କରିବାର ଦୃଷ୍ଟିକୋଣ ଉପରେ ନିରନ୍ତର ଗୁରୁତ୍ୱାରୋପ କରିଛନ୍ତି । ଏହି ଦୃଷ୍ଟିକୋଣ ସହିତ, ଷ୍ଟୋର ବିଭାଗ ଡିପୋ, କର୍ମଶାଳା, ସେଡ୍ ଏବଂ ଅନ୍ୟାନ୍ୟ ରେଳ ପ୍ରତିଷ୍ଠାନରେ ପଡ଼ି ରହିଥିବା ସଂଗୃହିତ ସ୍କ୍ରାପ୍ ଚିହ୍ନଟ ଏବଂ ନିଷ୍କାସନ ପାଇଁ ଏକ ବ୍ୟାପକ ଜୋନ୍-ୱାଇଡ୍ ମ୍ୟାପିଂ ଏବଂ ମପିଂ ଅଭ୍ୟାସ ହାତକୁ ନେଇଛି । ଏହି ନିରନ୍ତର ପ୍ରୟାସର ଫଳସ୍ୱରୂପ, ଦକ୍ଷିଣ ପୂର୍ବ ରେଳବାଇ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ୧୫ଟି ସ୍କ୍ରାପ୍-ଉତ୍ପାଦନକାରୀ ୟୁନିଟରେ 'ଶୂନ୍ୟ ସ୍କ୍ରାପ୍' ସ୍ଥିତି ହାସଲ କରିସାରିଛି । ଦକ୍ଷିଣ ପୂର୍ବ ରେଳବାଇ ଏହି ଗତିକୁ ବଜାୟ ରଖିବା ଏବଂ ଅକ୍ଟୋବର ୨୦୨୬ ସୁଦ୍ଧା ସମସ୍ତ ଚିହ୍ନଟ ହୋଇଥିବା ସ୍କ୍ରାପ୍-ଉତ୍ପାଦନକାରୀ ୟୁନିଟଗୁଡ଼ିକୁ ସ୍କ୍ରାପ୍-ମୁକ୍ତ କରିବାର ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରତିବଦ୍ଧ । ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକ୍ଷମ ଦକ୍ଷତାକୁ ସୁଦୃଢ଼ କରିବା, ଗୃହର ମାନଦଣ୍ଡକୁ ଉନ୍ନତ କରିବା, ସମ୍ପତି ବ୍ୟବହାରକୁ ଅପ୍ଟିମାଇଜ୍ କରିବା ଏବଂ ଭାରତୀୟ ରେଳବାଇର ରାଜସ୍ୱରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ଜାରି ରଖିବ ।

# ଅଙ୍ଗ ପ୍ରତିରୋପଣରେ ଉଦୀୟମାନ ସରକାରୀ ପ୍ରତିଷ୍ଠାନ ଭାବରେ ଏମ୍ସ ଭୁବନେଶ୍ୱର ସମ୍ମାନିତ

ନୂଆଦିଲ୍ଲୀ/ଭୁବନେଶ୍ୱର : ନୂଆଦିଲ୍ଲୀରେ ଅନୁଷ୍ଠିତ ୧୬ତମ ଭାରତୀୟ ଅଙ୍ଗ ଦାନ ଦିବସପାଳନ ଅବସରରେ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ଅଙ୍ଗ ପ୍ରତିରୋପଣରେ ଉଦୀୟମାନ ସରକାରୀ ପ୍ରତିଷ୍ଠାନ' ପୁରସ୍କାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନ ଦ୍ୱାରା ଆୟୋଜିତ ହୋଇଥିଲା । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବ ଶ୍ରୀମତୀ ପୁଣ୍ୟସଲିଲା ଶ୍ରୀବାସ୍ତବଙ୍କ ଉପସ୍ଥିତିରେ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ ଏହି ପୁରସ୍କାର ପ୍ରଦାନ




କରିଥିଲେ; ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ ଡକ୍ଟର ଲଭନୀଶ ଜି. କ୍ରିଷ୍ଣା; ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଶ୍ରୀ ବିଜୟ ନେହରା; ଏବଂ ଘଡଞ୍ଝଡ ନିର୍ଦ୍ଦେଶକ ଡକ୍ଟର ଅନିଲ କୁମାର । ଏମ୍ସ ଭୁବନେଶ୍ୱର ପକ୍ଷରୁ ଏହି ସମ୍ମାନ ଗ୍ରହଣ କରିଥିଲେ ଡକ୍ଟର ଅନିତା ସକ୍ସେନା, ସଭାପତି; ଡକ୍ଟର ଆଶୁତୋଷ ବିଶ୍ୱାସ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ; ଡକ୍ଟର ପ୍ରଭାସରଞ୍ଜନ ତ୍ରିପାଠି, ମେଡିକାଲ ଅଧୀକ୍ଷକ; ଏବଂ ଡକ୍ଟର ବ୍ରହ୍ମଦତ ପଟ୍ଟନାୟକ, ସହଯୋଗୀ ପ୍ରଫେସର ଏବଂ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଂଟେରୋଲୋଜି ବିଭାଗର ମୁଖ୍ୟ । ଏମ୍ସ ଭୁବନେଶ୍ୱରକୁ ଅଙ୍ଗ ପ୍ରତିରୋପଣରେ ଉଲ୍ଲେଖନୀୟ ଅଗ୍ରଗତି, ବିଶେଷକରି ପ୍ରତିରୋପଣ ପ୍ରକ୍ରିୟାରେ ଉଲ୍ଲେଖନୀୟ ବୃଦ୍ଧି, ୨୦୨୪ ରେ ୧୬ ଟି ପ୍ରତିରୋପଣରୁ ୨୦୨୫ ରେ ୬୩ ଟି ପ୍ରତିରୋପଣ ପାଇଁ ସମ୍ମାନିତ କରାଯାଇଥିଲା, ଯାହା ପ୍ରତିଷ୍ଠାନର ଦ୍ରୁତ ଅଭିବୃଦ୍ଧି ଏବଂ ଉନ୍ନତ ପ୍ରତିରୋପଣ ଯତ୍ନ ପ୍ରଦାନ କରିବା ପ୍ରତି ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଉଲ୍ଲେଖନୀୟ ଯେ, ଏମ୍ସ ଭୁବନେଶ୍ୱର ଦେଶର ଏକମାତ୍ର AIIMS ଯାହା ଏହି ମର୍ଯ୍ୟାଦାଜନକ ମାନ୍ୟତା ପାଇଛି, ଯାହା ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଏହାର ନେତୃତ୍ୱକୁ ସ୍ପଷ୍ଟ କରିଥାଏ ।

# ଯୁବ ଏବଂ ଆଧ୍ୟାତ୍ମିକତା କର୍ମଶାଳା ଆୟୋଜିତ

ବାଲେଶ୍ୱର : ସ୍ୱେଚ୍ଛାସେବୀ ସଂଗଠନ ଜ୍ଞାନଶ୍ରୀ ଏବଂ ବାଲେଶ୍ୱର ଚେମ୍ବର ଅଫ ଇଣ୍ଡଷ୍ଟ୍ରିଜ ଏଣ୍ଡ କମର୍ସ ମିଳିତ ଆନୁକୂଲ୍ୟରେ ଯୁବ ଏବଂ ଆଧ୍ୟାତ୍ମିକତା କର୍ମଶାଳା ଉଦ୍ୟୋଗ ଭବନ ପରିସରରେ ଆୟୋଜିତ ହୋଇଯାଇଛି । ଆୟୋଜିତ କର୍ମଶାଳାର ଉଦ୍ଘାଟନୀ ଉତ୍ସବରେ ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି



ଯୁବ ସମାଜ ଉଦ୍ଦେଶ୍ୟରେ ସମର୍ପିତ ଏଭଳି କାର୍ଯ୍ୟକ୍ରମକୁ ମହାନ କହିବା ସହିତ ଏହାକୁ ବ୍ୟାପକ କରାଯିବାକୁ ପରାମର୍ଶ ଦେଇଥିଲେ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ତଥା 'ଆଜିକାଲି'ର ପରିଚାଳନା ସମ୍ପାଦକ ଲକ୍ଷ୍ମୀନାରାୟଣ ମହାନ୍ତି, ଚାଟାର୍ଡ ଆକାଉଂଟାଂଟ ସଞ୍ଜିବ କୁମାର ନାୟକ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଇଣ୍ଡଷ୍ଟ୍ରିଆଲ ବ୍ରାଂଚର ମୁଖ୍ୟ ପରିଚାଳକ ସତ୍ୟବ୍ରତ ବାରିକ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ରଖିଥିଲେ । ଜ୍ଞାନଶ୍ରୀର ମୁଖ୍ୟ ପ୍ରଶାନ୍ତ କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଅବସରପ୍ରାପ୍ତ ଆଇଏଏସ ଦେବେନ୍ଦ୍ର ମହାପାତ୍ର ଆଧ୍ୟାତ୍ମିକତା ଏବଂ ଯୁବ ମାନସିକତା ଉପରେ, ସୁସାହିତ୍ୟିକ ପ୍ରଶାନ୍ତ ଦାସ ଯୁବ ଶୃଙ୍ଖଳାରେ ଅଧ୍ୟାତ୍ମିକତାର ପ୍ରଭାବ ଉପରେ , ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୁବ ଚିନ୍ତନ ଏବଂ ଆଧ୍ୟାତ୍ମିକତା ଉପରେ , ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ଯୁବ ଜୀବନଚର୍ଯ୍ୟାରେ ଆଧ୍ୟାତ୍ମିକତାର ପ୍ରଭାବ, ଆର୍ଟ ଅଫ ଲିଭିଙ୍ଗର ପ୍ରଶିକ୍ଷିକା ସଂଜୁକ୍ତା ବିଶ୍ୱାଳ ଆଧ୍ୟାତ୍ମିକତା ; ପଳାୟନ ନୁହେଁ ସାହସିକତା ଉପରେ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ବାଲେଶ୍ୱରର ବିଭିନ୍ନ ମହାବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କର୍ମଶାଳାକୁ ଜ୍ଞାନଶ୍ରୀର ସୌରଭ ନନ୍ଦ, ସାଗର ମଲିକ, ଗୌରହରି ଦାଶ, ଜୟନ୍ତୀ ଦାଶ, ଗୀତାଞ୍ଜଳି ପତି, ଅନୁପମା ଜେନା, ପ୍ରଣତିଲତା ପ୍ରଧାନ,ଅଶୋକା ସେନାପତି ପ୍ରମୁଖ ସଦସ୍ୟସଦସ୍ୟା ପରିଚାଳନା କରିଥିବାବେଳେ ବିସିଆଇସିର କର୍ମଚାରୀ ସହଯୋଗ କରିଥିଲେ । ସର୍ବ ଶେଷରେ ସଂଗଠନର ଯୁବ ଏବଂ ସାଂସ୍କୃତିକ ସଂଯୋଜକ ଜ୍ୟୋତି ପ୍ରକାଶ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟ ସୁପରଭାଇଜରି ବୋର୍ଡ଼ ବୈଠକରେ ସମୀକ୍ଷା କଲେ ମନ୍ତ୍ରୀ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ପିସି ପିଏନଡିଟି ଆଇନ ସମ୍ବନ୍ଧିତ ରାଜ୍ୟ ସୁପରଭାଇଜରି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟର ଲିଙ୍ଗ ଅନୁପାତରେ ଉନ୍ନତି ଅଣାଯାଇପାରିବ ସେ ଦିଗରେ ରାଜ୍ୟସ୍ତରୀୟ ବୈଠକରେ ଆଲୋଚନା ହୋଇଛି । ଲିଙ୍ଗ ଅନୁପାତ ଅନୁସାରେ ନିମ୍ନସ୍ତରରେ ଥିବା ଜିଲ୍ଲାଗୁଡିକ ଫଳାଫଳ କିପରି ଉନ୍ନତି ହେବ ସେ ବାବଦରେ ପଦକ୍ଷେପ ନିଆଯିବ । ଜିଲ୍ଲାସ୍ତରୀୟ କମିଟିକୁ ସୁଦୃଢ଼ କରାଯିବା ସହ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ଗୁଡିକ ଅଧିକ ନିରୀକ୍ଷଣ ଏବଂ ମନିଟରିଂ କରାଯିବ । ସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି । ବୋର୍ଡ ଗୁରୁତ୍ୱାରୋପ କରିଛି ଯେ ପିସି ପିଏନଡିଟି ଆଇନର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ଦୃଢ଼ ନିୟମ, କଠୋର ଆଇନ, ସମ୍ପ୍ରଦାୟ



ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗଗୁଡ଼ିକୁ ସାମିଲ କରି ସମନ୍ୱୟଦ୍ୱାରା ଅନୁପାତରେ ଉନ୍ନତି ଅଣାଯାଇହେବ । ବୋର୍ଡ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆଇନର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାରେ ହୋଇଥିବା ଅଗ୍ରଗତି ସମୀକ୍ଷା କରିଛି । ଓଡ଼ିଶା ଅଲ୍ଟ୍ରାସାଉଣ୍ଡ ସୁବିଧାର ଅନଲାଇନ୍ ପଞ୍ଜୀକରଣ ଏବଂ ନବୀକରଣ, ଅନଲାଇନ୍ ଫର୍ମ-ଏଫ ରିପୋର୍ଟିଂ, ପଞ୍ଜିକୃତ ଡାକ୍ତରୀ ପ୍ରାକ୍ଟିସନର ଯାଂଚ ପାଇଁ ଓଡ଼ିଶା କାଉନସିଲ ଅଫ୍ ମେଡିକାଲ୍ ରେଜିଷ୍ଟ୍ରେସନ) ସହିତ ସମନ୍ୱୟ ଏବଂ ଆଭା ପଞ୍ଜୀକୃତ ହିତାଧିକାରୀ ପ୍ରମାଣୀକରଣ କାର୍ଯ୍ୟକ୍ଷମ କରିଛି, ଯାହା ସ୍ୱଚ୍ଛତା, ଦାୟିତ୍ୱ ଏବଂ ତଦାରଖରେ ଉଲ୍ଲେଖନୀୟ ଉନ୍ନତି ଆସିଛି ବୋଲି ବୈଠକରେ ମତପ୍ରକାଶ ପାଇଛି । ବୋର୍ଡ ୨୦୨୪ ରୁ ୨୦୨୬ ମଧ୍ୟରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ପଦକ୍ଷେପଗୁଡ଼ିକର ସମୀକ୍ଷା ମଧ୍ୟ କରିଥିଲା, ଯେଉଁଥିରେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ୬୪୯ଟି ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ୧୧ ଟି ଯାଂଚ ଅନ୍ତର୍ଭୁକ୍ତ ଥିଲା । ସେଥିରୁ ଛଅଟି ବେଆଇନ ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍ ସିଲ୍, ଛଅଟି ଅଲ୍ଟ୍ରାସାଉଣ୍ଡ ମେସିନ୍ ଜବତ, ଏଫଆଇଆର୍ ପଞ୍ଜିକରଣ, ଅଭିଯୋଗ ଏବଂ ସରକାରୀ ଡାକ୍ତରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବୋର୍ଡ ଗୁରୁତ୍ୱାରୋପ କରିଥିଲା ଯେ ଆଇନ ଅନୁଯାୟୀ ନିଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଂଚ କଠୋର କରାଯିବା, ଅବୈଧ ଲିଙ୍ଗ ଚୟନ କରିବାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ ମେଡିକାଲ କଲେଜ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସମ୍ଭାବ୍ୟ ପିତାମାତାଙ୍କୁ ସଚେତନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏ ବାବଦରେ ସୂଚନାଦାତା ପ୍ରୋତ୍ସାହନ ଯୋଜନା ଅନୁସାରେ, ଜଣେ ସୂଚନାଦାତା ଅଣପଞ୍ଜିକୃତ ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍, ଲିଙ୍ଗ ଚୟନ କିମ୍ୱା ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପ୍ରଦାନ କରିଲେ ।

# ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ବୁମରାହଙ୍କ ସ୍ଥାନରେ ଆକିବ ନବୀ !

କନକ ବ୍ୟୁରୋ : ଜାମ୍ମୁ-କାଶ୍ମୀରର ସୁନ୍ଦର ପାହାଡ଼ିଆ ଅଂଚଳରୁ ବାହାରି ଏବେ ଜଣେ ଯୁବ ଦ୍ରୁତ ବୋଲର ଭାରତୀୟ କ୍ରିକେଟରେ ନିଜର ଚମକ ଦେଖାଇବାକୁ ପ୍ରସ୍ତୁତ ହୋଇଛନ୍ତି । ତାଙ୍କ ନାଁ ହେଉଛି ଆକିବ ନବୀ । ଗତ ଦୁଇଟି ରଣଜୀ ସିଜିନରେ ନିଜର ଶାଣିତ ବୋଲିଂରେ ବ୍ୟାଟରମାନଙ୍କୁ ନାକେଦମ୍ କରିବା ପରେ ଶେଷରେ ତାଙ୍କୁ ଜାତୀୟ ଚୟନକର୍ତ୍ତାଙ୍କ ପକ୍ଷରୁ ଡାକରା ମିଳିଛି । ଆଶ୍ଚର୍ଯ୍ୟର କଥା ହେଉଛି, ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ସେ ଦୁନିଆର ଅନ୍ୟତମ ଶ୍ରେଷ୍ଠ ବୋଲର ଜସପ୍ରୀତ ବୁମରାଙ୍କ ସ୍ଥାନ ନେବାକୁ ଯାଉଛନ୍ତି । ଆକିବ ନବୀ ଜାମ୍ମୁ-କାଶ୍ମୀରର ବାରାମୁଲ୍ଲାର ବାସିନ୍ଦା । ଦେଶର ପ୍ରାୟ ପ୍ରତ୍ୟେକ କ୍ରିକେଟରଙ୍କ ଭଳି ତାଙ୍କ କାହାଣୀ



ମଧ୍ୟ ଅନେକ ସଂଘର୍ଷରେ ପରିପୂର୍ଣ୍ଣ । ତାଙ୍କ ପିତା ଗୁଲାମ ନବୀ ଡାର୍ ପେଶାରେ ଜଣେ ଶିକ୍ଷକ ଏବଂ ସେ ଚାହୁଁଥିଲେ ଯେ ତାଙ୍କ ପୁଅ ଜଣେ ଡାକ୍ତର ହେଉ । କିନ୍ତୁ ଆକିବଙ୍କ ରକ୍ତରେ କ୍ରିକେଟର ନିଶା ଥିଲା । କୁହାଯାଏ ଯେ, ପାଠ ପଢ଼ିବା ପାଇଁ ତାଙ୍କୁ କୋଠରୀରେ ବନ୍ଦ କରିଦେଲେ ସେ ଝରକା ଦେଇ ବାହାରକୁ ଡେଇଁ ଖେଳିବାକୁ ପଳାଉଥିଲେ ।

# ଅଷ୍ଟ୍ରେଲୀୟ ଯୁବ ଦଳରେ ଭାରତୀୟ ଯୁବ କ୍ରିକେଟର ବଂଶୋଦ୍ଭବ ନୀଲ୍

ସିଡନି : ଭାରତୀୟ ବଂଶୋଦ୍ଭବ ଯୁବ କ୍ରିକେଟର ନୀଲ ପଟେଲଙ୍କ କ୍ରିକେଟ୍ କ୍ୟାରିୟରକୁ ବଡ଼ ପ୍ରୋତ୍ସାହନ ମିଳିଛି । ଭାରତ ଗସ୍ତରେ ଆସିବାକୁ ଥିବା ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ ଦଳରେ ସେ ସ୍ଥାନ ପାଇଛନ୍ତି । ସେପଟ୍ମ୍ବର ୧୩ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଗସ୍ତରେ ଏହି ଅଷ୍ଟ୍ରେଲିଆ ଯୁବ ଦଳ ଭାରତ ବିପକ୍ଷରେ ତିନୋଟି ଦିନିକିଆ ଓ ଦୁଇଟି ଚାରିଦିନିଆ ମ୍ୟାଚ୍ ଖେଳିବ । ଏହି ସବୁ ମ୍ୟାଚ୍ ରାଜକୋଟ ଓ ଅହମ୍ମଦାବାଦରେ ଅନୁଷ୍ଠିତ ହେବ । ଅଷ୍ଟ୍ରେଲିଆରେ ନୀଲ୍ ନ୍ୟୁ ସାଉଥ୍ ୱେଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି । ଏହି ଆଂଚଳିକ ଦଳ ପକ୍ଷରୁ ସେ ବ୍ୟାଟିଂ ଓପନ୍ କରିବା ସହ ଅଫସ୍ପିନ ବୋଲିଂ ମଧ୍ୟ କରନ୍ତି ।



ସେପଟ୍ମ୍ବର ୧୩ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଗସ୍ତରେ ଏହି ଅଷ୍ଟ୍ରେଲିଆ ଯୁବ ଦଳ ଭାରତ ବିପକ୍ଷରେ ତିନୋଟି ଦିନିକିଆ ଓ ଦୁଇଟି ଚାରିଦିନିଆ ମ୍ୟାଚ୍ ଖେଳିବ । ଏହି ସବୁ ମ୍ୟାଚ୍ ରାଜକୋଟ ଓ ଅହମ୍ମଦାବାଦରେ ଅନୁଷ୍ଠିତ ହେବ । ଅଷ୍ଟ୍ରେଲିଆରେ ନୀଲ୍ ନ୍ୟୁ ସାଉଥ୍ ୱେଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି । ଏହି ଆଂଚଳିକ ଦଳ ପକ୍ଷରୁ ସେ ବ୍ୟାଟିଂ ଓପନ୍ କରିବା ସହ ଅଫସ୍ପିନ ବୋଲିଂ ମଧ୍ୟ କରନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**